ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.144 Bhubaneswar Friday July 14 2023 ୨୬ତମ ବର୍ଷ ସଂଖ୍ୟା-୧୪୪ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ନିଜ ରିପୋର୍ଟ କାର୍ଡ ଦେଲେ ଓଡିଶା ହାଇକୋର୍ଟ: ଶୁଣାଣି ଓ ଫଇସଲା ହାର ବଢ଼ିଛି, ତଥାପି ୨୦ଲକ୍ଷରୁ ଅଧିକ ମାମଲା ବିଚାରାଧୀନ



ଭୁବନେଶ୍ୱର,୧୩।୭(ପି.ଏନ): ରାଜ୍ୟରେ ନ୍ୟାୟପାଳିକାର କାର୍ଯ୍ୟ ଓ ପ୍ରଦର୍ଶନର ରିପୋର୍ଟ କାର୍ଡ ପ୍ରକାଶ ପାଇଛି । ଉଭୟ ହାଇକୋର୍ଟ ଓ ଜିଲ୍ଲା କୋର୍ଟର ପ୍ରଦର୍ଶନର ପରିସଂଖ୍ୟାନ ରିପୋର୍ଟକୁ ଓଡିଶା ହାଇକୋର୍ଟ ନିଜର ୱେବସାଇଟ୍ ମାଧ୍ୟମରେ ସାର୍ବଜନୀନ କରିଛନ୍ତି । ନ୍ୟାୟପାଳିକା ନିଜ ପ୍ରଦର୍ଶନର ରିପୋର୍ଟକୁ ସର୍ବସାଧାରଣଙ୍କ ଅବଗତି ଉଦ୍ଦେଶ୍ୟରେ ପ୍ରକାଶିତ କରିବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିବାବେଳେ ୨୦୨୧ ଓ ୨୦୨୨ ମସିହା ତୁଳନାରେ ୨୦୨୩ ମସିହାରେ ଉଭୟ ହାଇକୋର୍ଟ ଓ ଜିଲ୍ଲାକୋର୍ଟରେ ଶୁଣାଣି ଓ ମାମଲା ଫଇସଲା ହାରରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ଅବଶ୍ୟ ଏସବୁ ସତ୍ତ୍ୱେ ଚଳିତବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ଓଡିଶା ହାଇକୋର୍ଟରେ ୧.୪୬ଲକ୍ଷ ଓ ଜିଲ୍ଲା କୋର୍ଟଗୁଡିକରେ ୧୮.୫୬ଲକ୍ଷ ଏଭଳି ମୋଟ ୨୦,୦୨,୮୩୫ଟି ମାମଲା ବିଚାରାଧୀନ ରହିଛି ।୨୦୨୩ ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ଓଡିଶା ହାଇକୋର୍ଟରେ ମୋଟ୍ ୪୯୬୩୫ଟି ମାମଲା ରୁଜୁ ହୋଇଥିଲାବେଳେ ବିଚାରପତିମାନଙ୍କ ଦ୍ୱାରା ୧୩୬୮ଥର ଶୁଣାଣିରେ ୬୨,୮୬୯ଟି ମାମଲାର ଫଇସଲା ହୋଇଛି । ଏହି ଅବଧିରେ ହାଇକୋର୍ଟରେ ଫଇସଲା ହାର ୧୨୬.୬୬% ରହିଛି । ୨୦୨୨ ଜାନୁୟାରୀରୁ ଜୁନ୍ ମଧ୍ୟରେ ୫୩୧୫୫ଟି ମାମଲା ରୁଜୁ ଓ ୯୮୨ଥର ଶୁଣାଣିରେ ୫୯୮୫୦ଟି ମାମଲାର ଫଇସଲା ହୋଇଛି । ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୪୨୨୭୮ଟି ମାମଲା ରୁଜୁ ଓ ୩୪୧ଥର ଶୁଣାଣିରେ ମୋଟ ୩୯୨୫୯ଟି ମାମଲାର ଫଇସଲା ହୋଇଛି । ୨୦୨୧ରେ ହାଇକୋର୍ଟରେ ମାମଲା ଫଇସଲା ହାର ୯୨.୮୫% ଥିବାବେଳେ ୨୦୨୨ରେ ଏହା ୧୧୨.୬୬%କୁ ବୃଦ୍ଧି ପାଇଥିଲା ।୨୦୨୨ ଜୁନ୍ ୩୦ତାରିଖ ସୁଦ୍ଧା ହାଇକୋର୍ଟରେ ମୋଟ ୧,୮୯,୮୪୭ଟି ମାମଲା ବିଚାରାଧୀନ ଥିବାବେଳେ ୨୦୨୩ ଜୁନ୍ ଶେଷବେଳକୁ ଏହି ସଂଖ୍ୟା ହ୍ରାସ ପାଇଁ ୧,୪୬,୫୮୨କୁ ହ୍ରାସ ପାଇଛି । ବିଭିନ୍ନ କାରଣ ଯଥା- କୋର୍ଟରେ ବାର୍ ଓକିଲଙ୍କ ଅନୁପସ୍ଥିତି, ବିଚାରପତି ଓ ଓକିଲଙ୍କ ଅକାଳ ମୃତ୍ୟୁ, ବିଚାରପତିଙ୍କ ଛୁଟି ଆଦି କାରଣରୁ ମଧ୍ୟ ବିଗତବର୍ଷମାନଙ୍କରେ କୋର୍ଟ କାର୍ଯ୍ୟ ପ୍ରଭାବିତ ହୋଇଛି । ତେବେ ସୁପ୍ରିମକୋର୍ଟଙ୍କ ୨୦୨୨ ଡିସେମ୍ବର ୧୨ ଓ ୧୪ତାରିଖ ରାୟ ପରେ ଏସବୁ ପରିସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ହୋଇଛି । ୨୦୨୩ ଜାନୁୟାରୀରୁ କୋର୍ଟରେ ବାର୍ ସଦସ୍ୟ(ଓକିଲ)ମାନେ ଆଉ ଅନୁପସ୍ଥିତ ରହୁନାହାନ୍ତି । ଏହି କାରଣରୁ ୨୦୨୧ର ପ୍ରଥମ ୬ମାସରେ ହାଇକୋର୍ଟଙ୍କ ୧୩୯୫.୬୫ଘଣ୍ଟା କାର୍ଯ୍ୟଅବଧି ବାଧାପ୍ରାପ୍ତ ବା ନଷ୍ଟ ହୋଇଥିବାବେଳେ ୨୦୨୩ ପ୍ରଥମାର୍ଦ୍ଧରେ ଏହା ୯୧୩.୬ଘଣ୍ଟାକୁ ହ୍ରାସ ପାଇଛି । ଅବଶ୍ୟ ୨୦୨୨ ପ୍ରଥମାର୍ଦ୍ଧରେ କାର୍ଯ୍ୟ ନଷ୍ଟ ଅବଧି ପରିମାଣ ୧୫୫୯.୧୫ଘଣ୍ଟା ଥିଲା ।୨୦୨୩ ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ରାଜ୍ୟର ଜିଲ୍ଲା କୋର୍ଟଗୁଡିକରେ ମୋଟ୍ ୨,୩୨,୩୬୩ଟି ମାମଲା ରୁଜୁ ହୋଇଥିଲାବେଳେ ବିଚାରପତିମାନଙ୍କ ଦ୍ୱାରା ୭୧୩୬୮ଥର ଶୁଣାଣିରେ ୨,୦୨,୨୧୦ଟି ମାମଲାର ଫଇସଲା ହୋଇଛି । ଏହି ଅବଧିରେ ଜିଲ୍ଲା କୋର୍ଟରେ ଫଇସଲା ହାର ୮୭.୦୨% ରହିଛି । ୨୦୨୨ ଜାନୁୟାରୀରୁ ଜୁନ୍ ମଧ୍ୟରେ ୨,୩୫,୬୨୦ଟି ମାମଲା ରୁଜୁ ଓ ୬୦୬୩୨ଥର ଶୁଣାଣିରେ ୧,୫୫,୭୧୨ଟି ମାମଲାର ଫଇସଲା ହୋଇଛି । ସେହିପରି ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୧,୮୯,୩୧୫ଟି ମାମଲା ରୁଜୁ ଓ ୩୬୪୦୩ଥର ଶୁଣାଣିରେ ମୋଟ ୯୦,୨୩୮ଟି ମାମଲାର ଫଇସଲା ହୋଇଛି । ୨୦୨୧ରେ ଜିଲ୍ଲା କୋର୍ଟଗୁଡିକରେ ମାମଲା ଫଇସଲା ହାର ୪୭.୬୭% ଥିବାବେଳେ ୨୦୨୨ରେ ଏହା ୬୬.୦୯%କୁ ବୃଦ୍ଧି ପାଇଥିଲା ।

## ଭିଜିଲାନ୍ସ ଜାଲରେ ସହିଦ ନଗର ଥାନା ଏଏସଆଇ

ଭୁବନେଶ୍ୱର, ୧୩।୭(ପି.ଏନ): ୧୫ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଜାଲରେ ପୋଲିସ କର୍ମଚାରୀ। ପୋଲିସ୍ କର୍ମଚାରୀ ଜଣକ ହେଉଛନ୍ତି ସହିଦ ନଗର ଥାନା ଏଏସଆଇ ମମତା ବସ୍ତିଆ। ଭିଜିଲାନ୍ସ ମମତାଙ୍କ ଠାରୁ ଲାଂଚ ଟଙ୍କା ଜବତ କରିବା ସହ ଗିରଫ କରିଛି। ମମତା ଏକ ମାମଲାରେ ସହଯୋଗ ପାଇଁ ଏତଲାକାରୀଙ୍କ ଠାରୁ ଲାଂଚ ନେଉଥିବା ଅଭିଯୋଗ ପାଇ ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରିଥିଲେ। ମମତା ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ଗୁରୁବାର ଦିନ ମମତା ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

ପର୍ଯ୍ୟବେକ୍ଷକ 25

ଆବଶ୍ୟକ

୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଭୁବନେଶ୍ୱରରୁ ପ୍ରକାଶିତ ସାଧାରଣ ଲୋକଙ୍କ ଖବର କାଗଜ ଦୈନିକ "ପର୍ଯ୍ୟବେକ୍ଷକ" ନିମନ୍ତେ ଓଡ଼ିଶାର ସମସ୍ତ ଜିଲ୍ଲାର ବ୍ଲକ, ତହସିଲ, ସବ୍‌ଡିଭିଜନ ସ୍ତରରେ ସାମ୍ବାଦିକ ଆବଶ୍ୟକ।

People's odia Daily PARYABEKHYAK, Published from Bhubaneswar for more than Last 25 years Requires Reporters at Block,Tahasil, sub division levels including cities & towns of All the districts of odisha

Please Mail your resume at
editorpbkc@gmail.com
Or
WhatsApp on 9437588705

## କ୍ଷୁଦ୍ର ଚାଷୀଙ୍କୁ 'ଫସଲ ବୀମା ପ୍ରିମିୟମ' ଥୋପ, ସରକାର ଭରିବେ ପ୍ରିମିୟମ ଟଙ୍କା



ଭୁବନେଶ୍ୱର,୧୩।୭(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର 'ଫସଲ ବୀମା'ର ପ୍ରିମିୟମ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ୨ହେକ୍ଟର ବା ୫ଏକର ପର୍ଯ୍ୟନ୍ତ ଜମି ପାଇଁ ଚାଷୀଙ୍କୁ ଶସ୍ୟ ବୀମା ପ୍ରିମିୟମ ଦେବାକୁ ପଡିବ ନାହିଁ । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟ ସରକାର ବିଭିନ୍ନ ବୀମା କମ୍ପାନୀ ମାଧ୍ୟମରେ ଚାଷୀଙ୍କୁ ଫସଲ ବୀମା ସୁବିଧା ଯୋଗାଇ ଦେଉଛନ୍ତି । ସୂଚନା ଅନୁସାରେ, ରାଜ୍ୟରେ ୨୦୧୬ ଖରିଫ ଋତୁରୁ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ବିଭିନ୍ନ କାରଣରୁ ଚାଷୀର ଫସଲ କ୍ଷତି ହେଲେ ସେ ବୀମା ଟଙ୍କା ପାଇବାକୁ ହକଦାର ହୋଇଥାଏ । ଚାଷୀକୁ ଖରିଫ ଋତୁରେ ମୋଟ୍ ବୀମାରାଶିର ୨ପ୍ରତିଶତ ପ୍ରିମିୟମ ଓ ରବି ଋତୁରେ ୧.୫% ପ୍ରିମିୟମ ଦେବାକୁ ପଡିଥାଏ । ବାକି ପ୍ରିମିୟମ ଟଙ୍କାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବହନ କରିଥାନ୍ତି । ତେବେ ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷୁଦ୍ର ଚାଷୀଙ୍କ ପ୍ରିମିୟମ ଅର୍ଥ ନିଜେ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଓଡିଶା ପାଇଁ ୪ଟି ବୀମା କମ୍ପାନୀ ଚୟନିତ ହୋଇଛନ୍ତି । ଏହି ବୀମା କମ୍ପାନୀଗୁଡିକ ସେମାନଙ୍କୁ ଆବଂଟିତ ଜିଲ୍ଲାଗୁଡିକରେ ଫସଲବୀମା ପାଇଁ ଚାଷୀଙ୍କ ପଞ୍ଜିକରଣ କରିବେ । ଏହି ବୀମା କମ୍ପାନୀଗୁଡିକ ୨୦୨୫-୨୬ ରବି ଋତୁ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସୁବିଧା ଯୋଗାଇ ଦେବାକୁ ପଞ୍ଜିକୃତ ହୋଇଛନ୍ତି ।

## ଛାତ୍ରୀଙ୍କୁ ତଣ୍ଟି କାଟି ହତ୍ୟା, ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର

ବଲାଙ୍ଗୀର,୧୩।୭(ପି.ଏନ): ବଲାଙ୍ଗୀର ନିଖିଲ ନଗରରୁ ଆସିଛି ଏକ ଭୟାନକ ଖବର । ଘରେ କେହି ନ ଥିବା ବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଜଣେ ଛାତ୍ରୀଙ୍କୁ ତଣ୍ଟି କାଟି ହତ୍ୟା କରି ଫେରାର ହୋଇଯାଇଥିବା ଜଣାପଡିଛି । ଘଟଣାଟି ଏବେ ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି ।ମିଳିଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତ ଘରେ ପଶି ଛାତ୍ରୀଙ୍କର ତଣ୍ଟି କାଟି ସେଠାରୁ ଫେରାର ହୋଇ ଯାଇଥିଲା । ଛାତ୍ରୀ ଜଣକ ଯୁକ୍ତ ଦୁଇ ଶ୍ରେଣୀରେ ପଢୁଥିଲେ । ତେବେ ହତ୍ୟାକାଣ୍ଡ ପଛରେ କଣ କାରଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ ।

## ୧୬ ସୁଦ୍ଧା ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର, ୧୩।୭(ପି.ଏନ): ୧୬ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ।

## ହୋଟେଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୩।୭(ପି.ଏନ): ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଥିବା ଏକ ହୋଟେଲ୍‌ରେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବତୀ ଜଣଙ୍କର ଘର ପୁରୀ ବୋଲି ସୂଚନା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ କରୁଛି ପୋଲିସ ।ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ସହ ପୋଲିସ ପକ୍ଷରୁ ରେଜିଷ୍ଟରକୁ ମଧ୍ୟ ଯାଞ୍ଚ କରାଯାଇଛି। ଯୁବତୀ ଜଣଙ୍କ କମ୍ପାନୀ କାମରେ ନିଜର ସହକର୍ମୀଙ୍କ ସହ ଭୁବନେଶ୍ୱର ଆସିଥିଲେ। ହୋଟେଲର ଗୋଟିଏ ରୁମରେ ଯୁବତୀ ତାଙ୍କ ସହକର୍ମୀ ରହିଥିଲେ। ଆଜି ସକାଳେ ହୋଟେଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ମୃତ ଯୁବତୀଙ୍କ ସହକର୍ମୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ସୌମ୍ୟ ମାରିଲେ ଶାଣିତ ତୀର



ଭୁବନେଶ୍ୱର,୧୩।୭(ପି.ଏନ):ନେତା ତିଆରି କାରଖାନାକୁ କାହିଁକି ବନ୍ଦ କରିଛନ୍ତି ସରକାର? ଛାତ୍ର ସଂସଦ ନିର୍ବାଚନ କରାନଯିବା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ। ଏହାକୁ ନେଇ ଛାତ୍ର ରାଜନୀତି ସରଗରମ ହୋଇଛି। ଆଉ ସୌମ୍ୟଙ୍କ ସହି ସ୍ୱର ମିଳାଇଛନ୍ତି ବିରୋଧୀ ଇଛଠଚ ଓ ଛାତ୍ର କଂଗ୍ରେସ।ବାରିପଦା ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରତ୍ୟେକ ସଫଳ ମଣିଷ ନିଜ ଛାତ୍ର ଜୀବନରେ ବିଶ୍ୱବିଦ୍ୟାଳୟ ସ୍ତରରେ ଅନେକ କ୍ରାନ୍ତିକାରୀ ସଂଗ୍ରାମରେ ନିଜକୁ ସାମିଲ କରିଥିବା ଦେଖିବାକୁ ମିଳିଛି। ଛାତ୍ର ସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଅନୁଷ୍ଠାନର ଗୋଟିଏ କାର୍ଯ୍ୟକ୍ରମ କରିବା ଦ୍ୱାରା ନେତୃତ୍ୱର ବିକାଶ ହୋଇଥାଏ। ଗଣତନ୍ତ୍ରର ଅଭ୍ୟାସ ଆସେ। କିନ୍ତୁ ଆଜି କାଲି ସରକାରମାନେ ଛାତ୍ର ସଂଘ, ଛାତ୍ର ୟୁନିଅନ୍? ଓ ଛାତ୍ର ନେତାମାନଙ୍କୁ କେଜାଣି କାହିଁକି ଡରୁଛନ୍ତି? ସେମାନେ ଡରୁଛନ୍ତି, ଅବା ଛାତ୍ରମାନେ ସେମାନଙ୍କ ଅନୁଷ୍ଠାନକୁ କିଭଳି ଶୃଙ୍ଖଳିତ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିଚାଳିତ କରିପାରିବେ ସେ ସମ୍ପର୍କରେ କହିବା ପାଇଁ ସାହସ କରିପାରୁନାହାନ୍ତି। ତେଣୁ ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି ନାଁରେ ନିର୍ବାଚନ କରାଇବା ନାହିଁ। ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗୋଟିଏ ବିରାଟ ବଡ କ୍ଷତି ହେଉଛି। ଛାତ୍ରମାନେ ଯଦି ତାଙ୍କ ଛାତ୍ର ଜୀବନରୁ ଗଣତନ୍ତ୍ରର ସର୍ବନିମ୍ନ ପଦ୍ଧତି ସମ୍ପର୍କରେ ସଚେତନ ନହେବା, ତାହାହେଲେ ସେମାନେ ଆଗକୁ କେମିତି ଗଣତନ୍ତ୍ର ଦେବାରେ ପାରଙ୍ଗମ ହେବେ? ତେଣୁ ଆଗାମୀ ଦିନରେ ନେତୃତ୍ୱର ସଙ୍କଟ ଦେଖାଦେବ ବୋଲି ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି।

## ଅଲଗା ହେବେ ଅନୁଭବ-ବର୍ଷା ! ୩ ମାସ ମଧ୍ୟରେ ଛାଡପତ୍ର ମାମଲା ଶେଷ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୩।୭(ପି.ଏନ): ବିଜେଡି ସାଂସଦ ଅନୁଭବ ମହାନ୍ତି ଏବଂ ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କ ଛାଡପତ୍ରକୁ ନେଇ ନିର୍ଦ୍ଦେଶ ଜାରି କରିଛନ୍ତି ହାଇକୋର୍ଟ । ୩ ମାସ ମଧ୍ୟରେ ଏହି ଷ୍ଟାର କଳିକୁ ଶେଷ କରିବା ପାଇଁ ଫ୍ୟାମିଲି କୋର୍ଟକୁ ମିଳିଛି କଡା ନିର୍ଦ୍ଦେଶ । ବର୍ଷା-ଅନୁଭବଙ୍କ ଏହି ଛାଡପତ୍ର ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ମାତ୍ର ୩ ମାସର ସମୟ ଦେଇଛନ୍ତି ହାଇକୋର୍ଟ । ଏହି ୩ ମାସ ମଧ୍ୟରେ ଅନୁଭବ-ବର୍ଷା ପାରିବାରିକ ବିବାଦ ଏବଂ ଛାଡପତ୍ର ମାମଲା ନିଷ୍ପତ୍ତି ଶୁଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଓଲିଉଡର ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ଛାଡପତ୍ର ଆବେଦନର ଶୁଣାଣି ଶୀଘ୍ର ଶେଷ କରିବା ପାଇଁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ପାରବାରିକ ମାମଲାକୁ ଆଗାମୀ ୩ ମାସ ମଧ୍ୟରେ ଶେଷ ଶୁଣାଣୀ କରିବା ପାଇଁ ଫ୍ୟାମିଲି କୋର୍ଟକୁ କହିଛନ୍ତି ହାଇକୋର୍ଟ । ସେହିପରି ୪ ସପ୍ତାହ ମଧ୍ୟରେ ମାମଲା ସମ୍ପର୍କରେ ସମସ୍ତ ଜବାବସୁଆଲ ମଧ୍ୟ ଶେଷ କରିବାକୁ କୁହାଯାଇଛି । ଚଳିତ ମାସ ଶେଷ ଅର୍ଥାତ ଜୁଲାଇ ୩୧ ତାରିଖ ସୁଦ୍ଧା ଜେରା ପ୍ରକ୍ରିୟା ମଧ୍ୟ ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଛାଡପତ୍ର ମାମଲାର ଫଇସଲା ହୋଇପାରେ ବୋଲି ଅନୁମାନ କରାଯାଉଛି ।

## ପୋଲସରାରେ ଫୁଟିଲା ଗୁଳି : ଗୁଳି ମାଡରେ ବାପା ମୃତ, ଝିଅ ଆହତ

ଗଞ୍ଜାମ, ୧୩।୭(ପି.ଏନ): ଗତକାଲି ରାତିରେ ପୋଲସରା ବ୍ଲକ ଛକ ନିକଟରେ ଘଟିଛି ଗୁଳିକାଣ୍ଡ । ଗୁଳିମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଖଲିକୋଟ ଥାନା ଅନ୍ତର୍ଗତ କୁମ୍ଭଣ୍ଡ ଗାଁର ବିଜୟ କୁମାର ବେହେରା (୬୨) । ଆହତ ଜଣକ ହେଲେ ତାଙ୍କ ଝିଅ ଗାୟତ୍ରୀ । ପୋଲସରା ଥାନା ପୋଲିସ ଡାକ୍ତରଖାନାରେ ପହଂଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଆରଏସପି ସମ୍ପ୍ରସାରଣ ଲାଗି ଜମି ଯୋଗାଇ ପାରୁନାହାନ୍ତି ରାଜ୍ୟ ସରକାର, ୩୩ ହଜାର କୋଟି ଫେରିଗଲା

ରାଉରକେଲା, ୧୩।୭(ପି.ଏନ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସଂପ୍ରସାରଣ ଲାଗି ଆବଶ୍ୟକ ହେଉଥିବା ଜମି ଲାଗି ରାଜ୍ୟ ସରକାର ସହଯୋଗ କଲେନି ଯାଗା ମିଳିଲାନି, ଫଳରେ ଏଥିଲାଗି କେନ୍ଦ୍ରରୁ ଆସିଥିବା ୩୩ ହଜାର କୋଟି ଟଙ୍କା ଫେରିଯାଇଥିବା ବେଳେ ଏହାକୁ ୧୦ ମିଲିୟନ ଟନ ଉତ୍ପାଦନ କ୍ଷମତା କରିବା ଲାଗି ହୋଇଥିବା ଯୋଜନାରେ ସାମୁହିକ ପୂର୍ଣ୍ଣଛେଦ ପଡିଛି । ଚଳିତ ମାସ ୧୨ ତାରିଖରେ ଆରଏସପି ପକ୍ଷରୁ ମିଡିଆ ସହମତ ବିନିମୟ ଓ ଅତିତ ତଥା ବର୍ତ୍ତମାନର ଆରଏସପିକୁ ନେଇ ଚାଲିଥିବା ଆଲୋଚନା ବେଳେ ଏଭଳି କିଛି ସୂଚନା ମିଳିଥିବା ବେଳେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସଂପାଦକ ତଥା ଲଢୁଆ ଶ୍ରମିକ ନେତା ପ୍ରଶାନ୍ତ ବେହେରା ଏନେଇ ରାଜ୍ୟ ସରକାରଙ୍କୁ ଲେଖିଥିବା ଚିଠିରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ, ରାଜ୍ୟ ସରକାର ଯାଗା ଯୋଗାଇ ନଦେବାରୁ ଆରଏସପିର ସଂପ୍ରସାରଣରେ ସାମୂହିକ ପୂର୍ଣ୍ଣଛେଦ ପଡିଛି । ଅତିତରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଥିବା ବେଳେ ରାଉରକେଲା ଗସ୍ତରେ ଆସି ହୋଟେଲ ମେଫେୟାର ଠାରେ ସାମ୍ବାଦିକ ମାନଙ୍କୁ ଦେଇଥିବା ଉଦବୋଧନରେ କହିଥିଲେ ରାଉରକେଲା ଇସ୍ପାତ କାରଖାନାର ଯାଗା ଗୁଡିକ କିଛି ବସ୍ତି ଅଂଚଳ ଲାଗି ଜବର ଦଖଲ ହୋଇ ରହିଥିବାରୁ ଆରଏସପିର ସଂପ୍ରସାରଣ ହୋଇପାରୁନି, ଯଦି ଏହାର ସମାଧାନ ହୋଇଜିବ ତେବେ ଭାରତ ବର୍ଷରେ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଆରଏସପି ପ୍ରମୁଖ ଭୂମିକା ଗ୍ରହଣ କରିବ ଓ ସେହି ତୁଳାନାରେ ରାଜ୍ୟ ମଧ୍ୟ ଉନ୍ନତି ହେବ । ତେବେ ସେ ଏହି ମନ୍ତ୍ରାଳୟରୁ ଯିବା ପରେ ସେଲ ଆବଶ୍ୟକ କରୁଥିବା ବନ୍ଧମୁଣ୍ଡା, ତିଳକାନଗର, ଉଦିତନଗର ସମ୍ମୁଖ ଅଂଚଳରୁ ସିଭିଲଟାଉନ ସମ୍ମୁଖ ଅଂଚଳ ଯାଏ ରହିଥିବା ଜବର ଦଖଲ ସମେତ ସେକ୍ଟର ଅଂଚଳର କିଛି ଜବର ଦଖଲ ଉଚ୍ଛେଦ ଲାଗି ଆବଶ୍ୟକ ହେଉଥିବା କ୍ଷତିପୁରଣ ଓ ସଂପ୍ରସାରଣ ଖର୍ଚ୍ଚ ଲାଗି ମୋଟ ୩୩ ହଜାର କୋଟି ଟଙ୍କା ପ୍ରଥମ ଦଫାରେ ଆରଏସପିଲାଗି ବ୍ୟବସ୍ଥା କରିଥିଲା, ମାତ୍ର ରାଜ୍ୟ ସରକାର ଏନେଇ ସେଭଳି କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଏହି ଟଙ୍କା ବୋକାରୋ ଷ୍ଟିଲ ପ୍ଲାଂଟକୁ ଚାଲିଗଲା । ୧୯୫୯ରେ ଆରଏସପି ନିର୍ମାଣ ଲାଗି ସେ ସମୟରେ ଆଖ ପାଖରେ ଥିବା ଖଣିଜ ସଂପଦକୁ ସୁବିନିଯୋଗ ଏହାର ସ୍ୱପ୍ନ ଦେଖାଯାଇଥିଲା । ସେତେବେଳେ ଓଡିଶାର ବଳିଷ୍ଠ ନେତୃତ୍ୱ ବିଜୁ ପଟ୍ଟନାୟକ ଏହାକୁ ଆଗେଇ ନେବା ଲାଗି ଆଗଭର ହୋଇ ଉଭୟ ରାଜ୍ୟର ସହଯୋଗ ସହ କେନ୍ଦ୍ରକୁ ରାସ୍ତା ଦେଖାଇଥିଲେ ଏହା ସବୁଦିନ ଲାଗି ଇତିହାସରେ ଉଲ୍ଲେଖ ରହିଥିବ । ସେ ସମୟରେ ଆରଏସପିର ଉତ୍ପାଦନ କ୍ଷମତା ଯାହାଥିଲା, ତାକୁ ବଢାଯାଇ ୪.୫ ମିଲିୟନ ଟନରେ ପହଁଚା ଗଲା । ସେ ସମୟରେ ବିଜୁ ବାବୁ ସ୍ୱପ୍ନ ଦେଖିଥିଲେ ଆରଏସପି ହେଲେ ଉଠାରେ ଶ୍ରମ ସୃଷ୍ଟି ହେବା ସହ ପ୍ରତ୍ୟକ୍ଷ ପରୋକ୍ଷରେ ଅନେକ ଲୋକ କାମ ଧନ୍ଦା ପାଇବେ । ତାହା ହିଁ ବର୍ତ୍ତମାନ ଯାଏ ଚାଲିଛି । ବର୍ତ୍ତମାନ ଆରଏସପି ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ତଥା ନିଯୁକ୍ତି କ୍ଷେତ୍ରରେ ଅନେକ ସହାୟକ ହୋଇଛି । ରାଜ୍ୟର ଖଣିଜ ସଂପଦକୁ ନେଇ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଶିଳ୍ପ ଓଡିଶାରେ ପ୍ରତିଷ୍ଠା ହୋଇ ଷ୍ଟିଲ ଉତ୍ପାଦନ କରୁଛନ୍ତି, ହେଲେ ଆରଏସପି ଭଳି ସାମାଜିକ କ୍ଷେତ୍ରରେ ଉନ୍ନତି ଆଣିବା ଭଳି କାମ କରିବାରେ ପଛରେ ରହିଛନ୍ତି ।କାରଣ ସେ ସବୁ ବ୍ୟକ୍ତଗତ ମାଲିକାନାରେ ପ୍ରତିଷ୍ଠିତ କାରଖାନା ଏହା ହେଉଛି ପବ୍ଲିକ ଅଣ୍ଡର ଟେକିଂ ସଂସ୍ଥା ତେଣୁ ଏଥିରେ ନିଶ୍ଚୟ ଫରକ ରହିବ । ଏତେ ସବୁ କାରଖାନା ରାଜ୍ୟରେ ହେବା ସତ୍ତ୍ୱେ ରାଜ୍ୟରେ ଦାଦନଙ୍କ ସଂଖ୍ୟା ଅନେକ ଦାଦନ ସମସ୍ୟାକୁ ସମାଧାନ କରିବାରେ ଏହି ସବୁ ଶିଳ୍ପ ସାହାଜ୍ୟ କରିପାରୁନାହାନ୍ତି । ତେବେ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ପ୍ରକାର ଭିତିଭୂମି ରହିଛି, ଯାଂତ୍ରିକ ଠାରୁ ଆରମ୍ଭ କରି ଅଫିସ ଘର ଦ୍ୱାର ସମେତ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି । ଜମି ମଧ୍ୟ ଆରଏସପିର, କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସେ ଜମି ଗୁଡିକୁ ଧିରେ ଧିରେ ରାଜ୍ୟ ତଥା ରାଜ୍ୟ ବାହାରର ଲୋକେ ଆସି ମାଡି ବସି ଘର ଦ୍ୱାର ସହ ବସ୍ତି ତିଆରି କରି ରହିଲେ । ଏହି ସବୁ ବସ୍ତି ଅଂଚଳ ମଧ୍ୟ ଭୋଟର ତାଲିକାରେ ରହିଲା, ପ୍ରତି ବର୍ଷ ଏମାନଙ୍କୁ ରାଜନେତା ମାନେ ନାନା ସ୍ୱପ୍ନ ଦେଖାଇ ଭୋଟ ନେଇ ରାଜନୀତିରେ ରହିଲେ, କିନ୍ତୁ ଯାଗା ଯାହାର ସେ ଯେତେବେଳେ ସଂପ୍ରସାରଣ ଲାଗି ଚାହୁଁଛି ତାହା ହୋଇପାରୁନି । ଖାଲି ରାଉରକେଲା ଇସ୍ପାତ କାରଖାନା ନୁହେଁ ତାଳଚେର-ବିମଳାଗଡ ରେଳ ପ୍ରକଳ୍ପ ମଧ୍ୟ ଏହି ଭଳି ସମସ୍ୟା ଲାଗି ଆଗେଇ ପାରୁନି । ଏନେଇ ଶ୍ରମିକ ନେତା ପ୍ରଶାନ୍ତ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ, କେନ୍ଦ୍ରରୁ ଆସିଥିବା ୩୩ ହଜାର କୋଟି ଟଙ୍କା ୨ ମାସ ତଳେ ଫେରିଗଲା, ଏହା ପୂର୍ବରୁ ଶ୍ରମିକ ସଂଘ ତରଫରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା, କୁହାଯାଇଥିଲା ଆପଣଙ୍କ ସ୍ୱର୍ଗତ ବାପା ଯାହାକୁ ଆରମ୍ଭ କରିବାରେ ସହଯୋଗ କରିଥିଲେ ଆପଣ ତାକୁ ଆଉ ଦୁଇ ପାଦ ଆଗକୁ ନେବାରେ ସହଯୋଗ କରନ୍ତୁ, କିନ୍ତୁ କୌଣସି ଉତର ମିଳିନଥିଲା, ପରେ ସାଂସଦ ଭର୍ତ୍ତୁହରି ମହତାବଙ୍କ ନେତୃତ୍ୱରେ ଭୁବନେଶ୍ୱର ଆସିଥିବା ଷ୍ଟାଣ୍ଡିଂ କମିଟୀକୁ ମଧ୍ୟ ଶ୍ରୀ ବେହେରା ଭେଟି ଏ ସଂପର୍କରେ ଜଣାଇଥିଲେ ବୋଲି ସେ କହିଛନ୍ତି । ଘରୋଇ ସ୍ତରରେ ଅନେକ କାରଖାନା ସେମାନଙ୍କ ଉତ୍ପାଦନ ବଢାନ୍ତୁ କିନ୍ତୁ ଯେତେବେଳେ ଆରଏସପି ଭଳି ସଂସ୍ଥାର ସଂପ୍ରସାରଣ ହୁଏ ସେତେବେଳେ ରାଜ୍ୟ ତଥା ରାଜ୍ୟ ବାସୀଙ୍କର ସାମୁହିକ ଉନ୍ନତି ହୋଇଥାଏ, ତେଣୁ ରାଜ୍ୟ ସରକାର ଓଡିଶାର ସ୍ୱାର୍ଥ ତଥା ସୁନ୍ଦରଗଡ ଜିଲ୍ଲାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜମି ଅଧିଗ୍ରହଣ ଲାଗି ଆରଏସପିକୁ ସହଯୋଗ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ପୁଲିସ୍‌ର ଲାଠିଚାର୍ଜରେ ବିଜେପି ନେତାଙ୍କ ମୃତ୍ୟୁ !



ନୂଆଦିଲ୍ଲୀ,୧୩।୭(ପି.ଏନ): ବିହାରର ରାଜଧାନୀ ପାଟନାରେ ଆଜି ପୁଲିସର ଲାଠିଚାର୍ଜରେ ଜଣେ ବିଜେପି ନେତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ବିଜେପି ନେତାଙ୍କ ନାଁ ବିଜୟ କୁମାର ସିଂହ। ସେ ବିଜେପିର ଜହାନାବାଦ ଜିଲ୍ଲା ସାଧାରଣ ସମ୍ପାଦକ ଥିଲେ ।ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ଦୁର୍ନୀତିରେ ବୁଡି ରହିଥିବା ଅଭିଯୋଗ କରି ଆଜି ବିଜେପି ପକ୍ଷରୁ ବିହାର ବିଧାନସଭା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିବା ବେଳେ ପୁଲିସ୍ ସେମାନଙ୍କୁ ବାଟରେ ଅଟକାଇଥିଲା। ବିଜେପି କର୍ମୀଙ୍କୁ ଘଉଡାଇବା ପାଇଁ ପୁଲିସ୍ ପକ୍ଷରୁ ଲୁହବୁହା ଗ୍ୟାସ ସହିତ ପାଣିମାଡ କରାଯାଇଥିଲା। ତା' ସହିତ ଲାଠିଚାର୍ଜ କରାଯାଇଥିଲା। ପୁଲିସ୍‌ର ଲାଠିଚାର୍ଜରେ ବିଜୟ କୁମାର ସିଂହ ଗୁରୁତର ଭାବେ ଆହତ ହୋଇ ପ୍ରାଣ ହରାଇଛନ୍ତି ବୋଲି କହିଛନ୍ତି ବିଜେପି ସାଂସଦ ତଥା ବିହାରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ।ଅନ୍ୟପକ୍ଷରେ ପାଟନା ମେଡିକାଲ କଲେଜ ହସ୍‌ପିଟାଲ ପକ୍ଷରୁ କୁହାଯାଇଛି ଯେ ବିଜୟ କୁମାର ସିଂହଙ୍କ ଶରୀରରେ କୌଣସି ବାହ୍ୟ ଆଘାତ ନଥିଲା। ହସ୍‌ପିଟାଲରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ଦ୍ୱିତୀ ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

# ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନିତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦ୍ରାପଡ଼ା ମହାବିଦ୍ୟାଳୟର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖିବାକୁ ଉପଯୁକ୍ତ ପ୍ରସ୍ତୁତି ଜରୁରୀ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନାକ୍ (ନ୍ୟାସନାଲ ଆସେସମେ ଓ ଆକ୍ରିଡିଟେସନ କାଉନସିଲ)ର 'ଏ' ଗ୍ରେଡ ମାନ୍ୟତା ବଜାୟ ରଖିବା ପାଇଁ ହେଲେ ଯୋରଦାର ପ୍ରସ୍ତୁତି ଏବେଠୁଁ ଆରମ୍ଭ କରାଯିବାର ଆବଶ୍ୟକତା ରହିଛି। କଲେଜର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖିବା ପାଇଁ ହେଲେ ମହାବିଦ୍ୟାଳୟକୁ ମୁଖ୍ୟତଃ ଓ୍ୱାଇ ଫାଇ କ୍ୟାମ୍ପସରେ ପରିଣତ କରିବାକୁ ପଡିବ। ଏଥିସହିତ ମହାବିଦ୍ୟାଳୟର କ୍ଲାସରୁମ ଗୁଡିକୁ ସ୍ମାର୍ଟ କ୍ଲାସରୁମରେ ପରିଣତ କରିବାକୁ ପଡିବ। କଲେଜରେ ଜିଓ ଟ୍ୟାଗ ଥିବା ସମ୍ମିଳନୀ କକ୍ଷ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର କମ୍ପ୍ୟୁଟର ସେଲ କରିବାକୁ ପଡିବ। ସେହିପରି ବାୟୋ ଗ୍ୟାସ ପ୍ଲା , ଇ-ଓ୍ୱେଷ୍ଟ ମ୍ୟାନେଜମେ କରାଯିବା ସହ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗରେ ଥିବା ଲାବୋରୋଟୋରୀକୁ ଉନ୍ନତ ମାନର କରାଯିବା ସହିତ ଗବେଷଣା କାର୍ଯ୍ୟକ୍ରମକୁ ମଧ୍ୟ ବୃଦ୍ଧି କରାଯିବା ଆବଶ୍ୟକ। ଏଥିସହିତ ବର୍ଷା ଜଳ ଅମଳ ବ୍ୟବସ୍ଥା କରାଯିବା, ସୌର ପ୍ଲା କରାଯିବା, ମହାବିଦ୍ୟାଳୟରେ ବ୍ୟାଟେରୀ ଚାଳିତ ତିନିଚକିଆ ଗାଡି ଚାଲିବା ପାଇଁ କଲେଜ କ୍ୟାମ୍ପସକୁ ପ୍ରସ୍ତୁତ କରିବାକୁ ପଡିବ। ଏହାବ୍ୟତିତ କଲେଜରେ ବାଳକ କମନରୁମ, ପିଲାମାନଙ୍କ ପାଇଁ କ୍ୟା ିନ, ଷ୍ଟାଫ କମନରୁମ ସହିତ କଲେଜ ପରିସରରେ ଥିବା ରାସ୍ତାର ଉନ୍ନତିକରଣ କରାଯିବା ଏବଂ କଲେଜର ପ୍ରତ୍ୟେକ ବିଭାଗରେ ଆବଶ୍ୟକ ତଥା ମଞ୍ଜୁରୀପ୍ରାପ୍ତ ଅଧ୍ୟାପକଙ୍କ ପଦବୀ ଗୁଡିକୁ ପୁରୁଣ କରାଯାଇପାରିଲେ ମହାବିଦ୍ୟାଳୟର ନାକ୍ 'ଏ' ଗ୍ରେଡ ବଜାୟ ରଖାଯାଇପାରିବ ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ ଏବେ ମହାବିଦ୍ୟାଳୟରେ ଶିକ୍ଷାଦାନ ଉପରେ ସେ ବିଶେଷ ଭାବେ ଧ୍ୟାନ ଦେଉଛନ୍ତି। ସେ ନିଜେ ମଧ୍ୟ କ୍ଲାସ ନେଉଛନ୍ତି। ଏଥିସହ ଅନ୍ୟ କ୍ଲାସ ଗୁଡିକ ହେଉଛି କି ନାହିଁ ସେ ପ୍ରତି ପିରିୟଡରେ ବୁଲି ଦେଖୁଛନ୍ତି। ଅନୁରୂପ ଭାବେ ମହାବିଦ୍ୟାଳୟର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖରବା ପାଇଁ ପ୍ରସ୍ତୁତି ଯୋରଦାର ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରାଙ୍କ ପରାମର୍ଶକ୍ରମେ ସେ ଆବଶ୍ୟକ ପଦକ୍ଷେପ ନେଉଥିବା ମଧ୍ୟ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ବୃହତ ବେସରକାରୀ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ସୁନାମ ଆଣିଦେଇଛନ୍ତି। ତେଣୁ କେବଳ ରାଜ୍ୟ ସ୍ତରରେ ନୁହେଁ ଜାତୀୟ ସ୍ତରରେ ମଧ୍ୟ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ସୁନାମ ରହିଛି। ଏହି ମହାବିଦ୍ୟଳୟରେ ପିଜି ପାଠ୍ୟକ୍ରମ ମଧ୍ୟ ରହିଛି। ପୂର୍ବରୁ ଦୁଇ ଦୁଇ ଥର ନାକ୍ 'ଏ' ଗ୍ରେଡ ମାନ୍ୟତା ପାଇଥିବା ଏହି ମହାବିଦ୍ୟାଳୟ ଚଳିତଥର ଉପରୋକ୍ତ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ଗ୍ରହଣ ନକଲେ ନାକ୍‌ର 'ଏ' ଗ୍ରେଡ ବଜାୟ ରଖିବା ହୁଏତ ସମ୍ଭବ ହୋଇନପାରେ। ତେଣୁ କଲେଜ ପରିଚାଳନା ପରିଷଦ ଏବଂ କେନ୍ଦ୍ରାପଡା ବିଧାୟକ ଏଥିପ୍ରତି ଆବଶ୍ୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ୟୁଜିସି ଟିମ ୨୦୨୧ ଡିସେମ୍ବରରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ଗସ୍ତରେ ଆସିଥିଲେ। ସେମାନେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଅନ୍ୟାନ୍ୟ ଭି ିଭୂମି ଦେଖି ଫେରିଯାଇଛନ୍ତି। ଏଥିସହ କ୍ୟାମ୍ପସକୁ କିଭଳି ଭାବେ ଉନ୍ନତ କରାଯାଇପାରିବ ତାହାର ଏକ ରୋଡମ୍ୟାପ ମଧ୍ୟ କଲେଜକୁ ପ୍ରଦାନ କରିଛନ୍ତି। ସେହି ରୋଡମ୍ୟାପ ଅନୁଯାୟୀ ଆବଶ୍ୟକ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ଗ୍ରହଣ କରାନଗଲେ ରାଜ୍ୟର ସର୍ବପୁରାତନ କେନ୍ଦ୍ରାପଡା ମହାବିଦ୍ୟାଳୟ ଯେ ତା'ର ନାକ୍ 'ଏ' ଗ୍ରେଡ ମାନ୍ୟତା ନହରାଇବ ତାହା କହି ହେବ ନାହିଁ। ଏଥିନିମନ୍ତେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ କଲେଜର ପୁରାତନ ଛାତ୍ର ସଂସଦର ବହୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ତୃତୀୟ ଦିନରେ ଜିଲ୍ଲା କଂଗ୍ରେସର ଗୌରବ ଯାତ୍ରା

ରାଉରକେଲା (ପିଏନ୍): ସ୍ୱାଧୀନତାର ୭୫ ବର୍ଷ ପୂ ି ଅବସରରେ ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ଉଜ୍ଜୀବିତ କରିରଖିବା ପାଇଁ ଜାତୀୟ କଂଗ୍ରେସ ତରଫରୁ ଆରମ୍ଭ ହୋଇଥିବା ଦେଶବ୍ୟାପି ସ୍ୱାଧୀନତାର ଗୌରବ ଯାତ୍ରା ଆଜି ତୃତୀୟ ଦିନରେ ପହ ୍ଛି । ଏହି ପରିପ୍ରେକ୍ଷୀରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଆଜି ସେକ୍ଟର-୧୩ କମ୍ୟୁନିଟି ସେ ର ଠାରୁ ଏହି ଗୌରବ ପଦଯାତ୍ରା ଆରମ୍ଭ କରାଯାଇଥିଲା । ଏହି ପଦଯାତ୍ରା ଦିଲ୍ଲୀ କଂଗ୍ରେସର ଅ'ରୀମ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇ ସେକ୍ଟର-୧୪ ଓ ୧୫ ମାର୍କେଟ, ସେକ୍ଟର-୧୬, ସେକ୍ଟର-୧୮, ଆଇଜିଏଚ୍ ଗେଟ୍, ମୁଣ୍ଡା ମାର୍କେଟ, ଗଜପତି ମାର୍କେଟ, ଇସ୍ପାତ ମାର୍କେଟ, ସେକ୍ଟର-୧୯ ମାର୍କେଟ ମଧ୍ୟଦେଇ ସେକ୍ଟର-୨୦ ସନରାଇଜ୍ କ୍ଲବ୍ ପ୍ରାଙ୍ଗଣରେ ସମାପନ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଦସ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ବ୍ଲକ୍ ସଭାପତି ସୁନୀଲ ପଟ୍ଟନାୟକ ଓ ଧୁସା ନାୟକ, ପିସିସିର ପୂର୍ବତନ ସମ୍ପାଦକ ସବୀର ହୁସେନ, ଗଣେଶ ପ୍ରଧାନ ଓ ରଶ୍ମୀରନ ପାଢୀ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ସଂ'ାଷ ବିଶ୍ୱାଳ, ଉମେଶ ଶରଣ, କୀ ିନ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ତୁଳସୀ ନାଗ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ମୁଖପାତ୍ର କୈଳାସ ସାହୁ ଓ ଇଂ.ଆର୍.ପି. ସିଂହ, ଏସ୍‌ସି ସେଲ୍‌ର ରାଜ୍ୟ ଆବାହକ ଗଜେନ୍ଦ୍ର ତ'ୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ବନମାଳୀ ବିଶୋୟୀ, ସାମାଜିକ ଗଣମାଧ୍ୟମର ବିଶ୍ୱଜିତ ସାହୁ, ସେବାଦଳର ବୁଲୁ ଦାସ, ଡଲି ସାହୁ, ଗୀତା ସିଂହ, ରଘୁନାଥପାଲ୍ଲୀ ଯୁବ କଂଗ୍ରେସ ସଭାପତି ଅନୀଲ ଗୁରୁଙ୍ଗ, ଯୁବନେତା ବିଶ୍ୱରଂଜନ ରାଉତ, ପ୍ରତୀକ ବର୍ମା ଓ ସୁଧୀର ଚୌହାନ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି ପଦଯାତ୍ରାରେ ସାମିଲ୍ ହୋଇ ସମଗ୍ର ଅ ଳ ପରିକ୍ରମା କରିଥିଲେ । ପଦଯାତ୍ରା ସମୟରେ କଂଗ୍ରେସ କର୍ମୀମାନେ ଜାତୀୟ ପତାକା ଓ ଦଳୀୟ ପତାକା ଧରି ପଦଯାତ୍ରା କରୁଥିବା ବେଳେ ଡାକବାଜି ଯନ୍ତ୍ର ଯୋଗେ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଚଳିତ ମାସ ୧୪ ତାରିଖ ପର୍ଯ୍ୟ' ରାଉରକେଲା ସାଙ୍ଗଠନିକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଚାଲୁ ରହିବ ବୋଲି ଜିଲ୍ଲା କଂଗ୍ରେସ ତରଫରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି ।

# ଭୋଟର ପରିଚୟପତ୍ର ଓ ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)-ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ପ୍ରକ୍ରିୟାକୁ ଜିଲ୍ଲାରେ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ଅଗଷ୍ଟ ୧୫ତାରିଖ ଦିନ ଜିଲ୍ଲାର ସମସ୍ତ ବ୍ଲକ ଓ ବୁଥ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜିତ ହେବ । ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମର ସଠିକ୍ ପରିଚାଳନା ଓ ସଫଳତା ନିମନ୍ତେ ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ସଚେତନ କରିବାକୁ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପୌରରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଫଟୋ ପରିଚୟ ପତ୍ର ତ୍ରୁଟି ସଂଶୋଧନ ପ୍ରକ୍ରିୟା ଏବଂ ରୂପାନ୍ତରିତ ପଞ୍ଜିକରଣ ଫର୍ମ ସମ୍ପର୍କରେ ମଧ୍ୟ ଭୋଟମାନଙ୍କୁ ଏହି ଅବସରରେ ସଚେତନ କରାଯିବ । ଜିଲ୍ଲାର ସମସ୍ତ ବ୍ଲକ ଓ ବୁଥସ୍ତରରେ ତ୍ରୁଟିଶୂନ୍ୟ ଭାବେ ଯେଭଳି ଏହି ଅଭିଯାନ ସମ୍ପନ୍ନ ହୋଇପାରିବ ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଭୋଟରମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ସ୍ୱେଚ୍ଛାକୃତ ଭାବେ ଆଧାର ବିବରଣୀ ପ୍ରଦାନ ଏବଂ ଭୋଟ ପରିଚୟପତ୍ର ସହ ତାହାର ସଂଯୋଗୀକରଣ ପାଇଁ ନିକଟସ୍ଥ ବୁଥ୍ କିମ୍ବା ବୁଥସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

# ଓଡ଼ିଆ ଜାତୀୟତାବୋଧର ପରାକାଷ୍ଠା: ପ୍ରଥମ ସ୍ୱାଧୀନତା ସଂଗ୍ରାମୀର ବଳିଦାନ ଓ ନିଷ୍ଠା



**ଖ୍ରୀ.** ୧୫୬୮ରେ ସ୍ୱାଧୀନତା ଓ ସାର୍ବଭୌମତ୍ୱ ହରାଇଥିବା ଉତ୍କଳ ସାମ୍ରାଜ୍ୟର ସ୍ୱତ୍ୱାଧିକାରୀ ରାଷ୍ଟ୍ରଦେବତା ଥିଲେ ଶ୍ରୀ ଜଗନ୍ନାଥ ଓ ଗଜପତି ଥିଲେ ତାଙ୍କର ପ୍ରତିନିଧି। ଏହି ପାରମ୍ପରିକ ବ୍ୟବସ୍ଥାକୁ ବ ାଇ ରଖିବାପାଇଁ ଗଜପତି ରାମଚନ୍ଦ୍ର ଦେବ ଖୋରଧା ରାଜସିଂହାସନରେ ଅଭିଷିକ୍ତ ହୋଇଥିଲେ, ଯାହାଙ୍କର ପ୍ରଥମ ଓ ପ୍ରଧାନ କାର୍ଯ୍ୟଥିଲା କଳାପାହାଡ଼ ଦ୍ୱାରା ଅପହୃତ ତ୍ରିମୂ ିଙ୍କୁ ଶ୍ରୀମନ୍ଦିରରେ ସଂସ୍ଥାପନା କରାଇବା। ଇତିହାସରୁ ଜଣାଯାଏ ଯେ, କଳାପାହାଡ଼ ତ୍ରିମୂ ିଙ୍କୁ ଅପହରଣ କରି ଗଙ୍ଗା ନଦୀ କୂଳରେ ପୋଡ଼ି ଦେବାପରେ ବିଶର ମହାନ୍ତି ନାମକ ଜନୈକ ଧାର୍ମିକ ବ୍ୟକ୍ତି ବ୍ରହ୍ମଙ୍କୁ ଉଦ୍ଧାର କରି ଆଣି କୁଜଙ୍ଗରେ ଲୁଚାଇ ରଖିଲେ। ଗଜପତି ରାମଚନ୍ଦ୍ର ଦେବ କୁଜଙ୍ଗରୁ ବ୍ରହ୍ମଙ୍କୁ ଆଣି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ନୂତନ ଦାରୁ ମୂ ି ନିର୍ମାଣ କରି ଗଡ଼ଖୋର୍ଦ୍ଧାଠାରେ ରଖାଇଥିଲେ ଓ ଖ୍ରୀ ୧୫୮୦ରେ ପୁରୀରେ ତାହା ପ୍ରତିଷ୍ଠା କରାଇଥିଲେ ଏବଂ ଆଠବର୍ଷ କାଳ ବନ୍ଦ ହୋଇଥିବା ଶ୍ରୀମହାପ୍ରସାଦର ପୁନଃ ପ୍ରଚଳନ କରାଇଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ କିଛିକାଳ ପାଇଁ ଖୋର୍ଦ୍ଧାଗଡ଼ରେ ଅବସ୍ଥାନ କରିଥିବାରୁ ଏହାର ନାମ 'ଜଗନ୍ନାଥପୁର କଟକ' ହୋଇଥିଲା। ସୁତରାଂ ଖ୍ରୀ ୧୫୭୨ ରୁ ଖ୍ରୀ ୧୮୦୪ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ୨୩୨ ବର୍ଷ ଖୋର୍ଦ୍ଧାଗଡ଼ ଓଡିଶାର ରାଜଧାନୀ ଥାଇ ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା। ଖୋରଧା ଏକଦା ଓଡିଶାର ରାଜଧାନୀ ଥିଲା। ଏଠାରେ ବାସ କରୁଥିବା ସମର କୁଶଳୀ ବୀର ପାଇକମାନଙ୍କର ଶୌର୍ଯ୍ୟ-ବୀର୍ଯ୍ୟ କ୍ଷୁରର ଧାର ସଦୃଶ ତୀକ୍ଷ୍ଣ ହୋଇଥିବାରୁ ଏପରି ନାମକରଣ ହୋଇଥିବା ଜନମତରେ ପ୍ରଚଳିତ। ଖୋରଧା ରାଜ୍ୟ ସୃଷ୍ଟି ଓ ଖୋରଧା ଦୁର୍ଗ ପ୍ରତିଷ୍ଠା ବେଳକୁ ବିଶାଳ ଉତ୍କଳ ସାମ୍ରାଜ୍ୟର ପାରମ୍ପରିକ ରାଜଧାନୀ କଟକ-ବାରବାଟୀ ଦୁର୍ଗ ଆଫଗାନ ଓ ପରେ ମୋଗଲମାନଙ୍କ ଅଧୀନକୁ ଚାଲିଯାଇଥିଲା। ଉତ୍କଳ ସାମ୍ରାଜ୍ୟର ପତନ ପରେ ପରେ ଗୋଦାବରୀ ନଦୀଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ଗୋଲକୁଣ୍ଡା ସୁଲତାନ, କାଠଯୋଡ଼ି ନଦୀଠାରୁ ହୁଗୁଳି ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ପ୍ରଥମେ ଆଫଗାନ ଓ ପରେ ମୋଗଲମାନଙ୍କ ଶାସନାଧୀନ ହେଲା। ଅବଶିଷ୍ଟ ଉପକୂଳବ ୀ ଅ ଳ ଖୋରଧା ରାଜାଙ୍କ ଅଧିକାରଭୁକ୍ତ ହେଲା। ଆଫଗାନ୍-ମୋଗଲମାନଙ୍କ ଶାସନ ପରେ ୧୭୫୧ରେ ମରହଟ୍ଟାମାନେ ଓଡିଶା ଅଧିକାର କଲେ। ସେମାନେ ହିନ୍ଦୁ ଥିବାରୁ ଜଗନ୍ନାଥ ଧର୍ମ ସଂସ୍କୃତି ପ୍ରାୟତଃ ନିରାପଦ ଥିଲା। ମରହଟ୍ଟାଙ୍କଠାରୁ ଇଂରେଜମାନେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଏବଂ ୧୮୦୪ରେ ଖୁରୁଧା ଦୁର୍ଗ ଅଧିକାର କରିନେଲେ। ଇଂରେଜମାନଙ୍କ ବିରୋଧରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ରାଜ ବିଦ୍ରୋହ ସଂଘଟିତ ହୋଇଥିଲା। ପରବର୍ତ୍ତୀ ସମୟରେ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ଗରିଲା ସଂଗ୍ରାମ ଦୀର୍ଘ ଆଠବର୍ଷ କାଳ ଲାଗିରହି ଇଂରେଜ ସରକାରଙ୍କୁ ଥରହର କରିଦେଇଥିଲା। ଏହି ପାଇକ ବିଦ୍ରୋହ ଥିଲା ଇଂରେଜମାନଙ୍କ ବିରୋଧରେ ପ୍ରଥମ ଗଣ ବିପ୍ଳବ। ଏହି ବିପ୍ଳବ ଓଡିଶାର ବହୁ ଅଂଚଳରେ ବ୍ୟାପି ରହିଥିଲା। ପାଇକ ବିଦ୍ରୋହ ବିଫଳ ହେବାପରେ ୧୮୨୭ରେ ତାପଙ୍ଗ ଦଳବେହେରା ମାଧବ ରାଉତରାୟଙ୍କ ନେତୃତ୍ୱରେ ସଶସ୍ତ୍ର ସଂଗ୍ରାମ ଓ ୧୮୩୬ ରେ କୃ ିବାସ ପାଟ୍ଟଶାଣୀଙ୍କ ନେତୃତ୍ୱରେ ବିଦ୍ରୋହ ପ୍ରଭୃତି ଥିଲା ବିଧର୍ମୀ ବିଜେତାମାନଙ୍କ ବିରୋଧରେ ସାମୟିକ ସଂଗ୍ରାମ। ସ୍ୱାଧୀନ ଓଡିଶାର ଶେଷ ରାଜଧାନୀ ଖୋର୍ଦ୍ଧାଗଡ଼ ଭାରତୀୟ ସ୍ୱାଧୀନତା ସଗ୍ରାମର ଇତିହାସରେ ଗୌରବର ଟୀକା ବହନ କରିଛି ତଥା ବହୁ ବୀର ପୁଙ୍ଗବମାନଙ୍କ ଏକ୍ତୁଡିଶାଳ ରୂପେ ଖ୍ୟାତିଲାଭ କରିଛି। ଶହୀଦମାନଙ୍କ ଅମର କାହାଣୀରେ ରକ୍ତରଂଜିତ ଖୋର୍ଦ୍ଧା ଏବେ ମଧ୍ୟ ବିପ୍ଳବର ଝଙ୍କାର ତୋଳି ଆହ୍ୱାନକରେ ଉ ର ପୁରୁଷଙ୍କୁ। ଜାତୀୟତା ଚେତନାର ଆଗ୍ନେୟଗିରି ଖୋର୍ଦ୍ଧାର ମାଟିକୁ ଚିପୁଡିଦେଲେ ମିଳିବ ଶହୀଦ ଓ ସଂଗ୍ରାମୀମାନଙ୍କ ଯନ୍ତ୍ରଣାଦଗ୍ଧ ତ୍ୟାଗପୂତ ଜୀବନର ଅମଳିନ ଗାଥା। ଆଫଗାନ୍-ମୋଗଲ, ମରହଟ୍ଟାଙ୍କ ପରେ ଇଂରେଜ ଓଡିଶା ଶାସନକୁ ଆସିଥିଲେ। ଇଂରେଜମାନଙ୍କ ଆଗମନ ୧୮୦୩ ଓ ୧୮୦୪ ଏହି ୨ଟି ବର୍ଷଥିଲା ଓଡିଶାର ଭାଗ୍ୟ ନିୟାମକ। ଏହି ସମୟରେ ଜୟୀ ରାଜଗୁରୁ ନାବାଳକ ରାଜା ମୁକୁନ୍ଦଦେବଙ୍କ ରାଜ ପୁରୋହିତ ହେବାସହ ଖୋର୍ଦ୍ଧା ରାଜ୍ୟର ଦେୱାନ୍ ଓ ସେନାପତିଙ୍କ ଦାୟିତ୍ୱ ନିଜ ହାତକୁ ନେଇଥିଲେ। ଓଡିଆ ଜାତିର ସେହି ଘଡିସନ୍ଧି ମୂହୂ ରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଦେୱାନ୍ ହରିହର ପ୍ରତ୍ୟେକ ନିଜ ନିଜ କର୍ମକ୍ଷେତ୍ରରେ ସକ୍ରିୟ ରହି ରାଜ୍ୟର ସୁରକ୍ଷା ପାଇଁ ସୁଚିନ୍ତିତ ମିଳିତ ପରାମର୍ଶ ଦେଇଥିଲେ ଓ ଯୋଜନା କରିଥିଲେ ଇତିହାସର ଗତି ହୁଏତ ଭିନ୍ନ ପ୍ରକାର ହୋଇଥାନ୍ତା। ସ୍ୱୟଂ ଇଂରେଜ ଐତିହାସିକମାନେ ସ୍ୱୀକାର କରିଛନ୍ତି ଯେ ଚିଲିକା ମୁହାଣ ପାରିହେବା ସମୟରେ ଇଂରେଜ ସୈନ୍ୟମାନଙ୍କ ଉପରେ ସାମାନ୍ୟ ଆକ୍ରମଣ ବା ବିରୋଧ କରାଯାଇଥିଲେ ସେମାନେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତେ। ଏ ପ୍ରସଙ୍ଗରେ ପ୍ରଖ୍ୟାତ କଥାକାର ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି 'ଶତାବ୍ଦୀର ସୂର୍ଯ୍ୟ'ରେ ଲେଖିଛନ୍ତି, 'ଯେଉଁଦିନ ଚିଲିକା କୂଳପ୍ରୟାଗୀ ଗାଁରୁ ଛ' ଶହ ୟୁରୋପିୟାନ୍, ତିନିଶହ ତେଲେଙ୍ଗା ସିପାହୀ ଓ ଆଠଶହ ଶଗଡ଼ ରସଦ ସାଙ୍ଗରେ ଧରି ହାରକୋର୍ଟ ଓ ମେଲଭିଲ ଚିଲିକା ପାଣି ବାଟରେ ଆସିଥିଲେ ସେଦିନ ଖୋର୍ଦ୍ଧାରାଜା ମୁକୁନ୍ଦଦେବ ଓ ଜୟୀ ରାଜଗୁରୁ ସେମାନଙ୍କର ସାମାନ୍ୟ ପ୍ରତିରୋଧ କରିଥିଲେ ଓଡିଶା ଇତିହାସ ହୁଏତ ଅନ୍ୟ ଗତି ଧରିଥାନ୍ତା। କିନ୍ତୁ ଗୋଟିଏ ଜାତିର ଇତିହାସରେ ଯେତେବେଳେ ବିଳୟ ଓ ଅଧଃପତନର ବିଡ଼ମ୍ବିତ ମୁହୂ ର୍ ଆସେ ସେତେବେଳେ ତାହାର ପ୍ରଥମ ବିକୃତି ଆରମ୍ଭ ହୁଏ ଜାତିର ଚେତନା ଓ ଭାଗ୍ୟନିୟନ୍ତାମାନଙ୍କର ବିବେକ ଓ ପ୍ରାଣଶକ୍ତିରେ। ବିଳୟର ସେହି ବିକୃତି ସେଦିନ ରାଜା ମୁକୁନ୍ଦଦେବ ଓ ତାଙ୍କ ମନ୍ତ୍ରଣାଦାତା ଜୟୀ ରାଜଗୁରୁଙ୍କ ବିବେକରେ ମଧ୍ୟ ଆରମ୍ଭ ହୋଇଥିଲା।

ଇଷ୍ଟ ଇଣ୍ଡିଆ କଂପାନୀ ଇଂରେଜଙ୍କୁ ବିରୋଧ କରି ରାଜା ମୁକୁନ୍ଦଦେବ ମେଦିନୀପୁର ଜେଲରେ ବନ୍ଦୀ ରହିଲେ ଓ ଜୟୀ ରାଜଗୁରୁ ଫାଶୀପାଇଲେ। ଖୋର୍ଦ୍ଧା ରାଜ୍ୟ ଖାସ୍ ହେଲା। ସେତେବେଳେ ଇଂରେଜ ଶାସନରେ କଳିକତା ରାଜଧାନୀ ଥିଲା। ଓଡିଶାରୁ କଳିକତା ଯିବାପାଇଁ ସହଜ ରାସ୍ତା ନଥିଲା। କଟକରୁ ଲୋକେ ପଦଯାତ୍ରା ବା ପାଲିଙ୍କିରେ ଚାନ୍ଦବାଲି ପର୍ଯ୍ୟନ୍ତ ଯାଇ ସେଠାରୁ ବୋଇତରେ କଳିକତା ଯାଉଥିଲେ। ଯିବାପାଇଁ ପନ୍ଦରଦିନ ସମୟ ଲାଗୁଥିଲା। କଳିକତା ରାଜଧାନୀ ଥିବାରୁ ବଙ୍ଗ ସରକାରଙ୍କ ଦପ୍ତରରେ ବଙ୍ଗ ପ୍ରଦେଶ ଲୋକଙ୍କ ସଂଖ୍ୟା ଓ ପ୍ରତିପ ି ବେଶୀଥିଲା ଏବଂ ଇଂରେଜ ଶାସକମାନେ ସେମାନଙ୍କ ଉପରେ ବେଶୀ ନିର୍ଭର କରୁଥିଲେ। ଓଡିଆମାନଙ୍କର ସ୍ଥାନ ସରକାରୀ ବଳରେ ଆଦୌନଥିଲା। ଇଂରେଜ ଶାସନ ପ୍ରଣାଳୀ ଦେଶରେ ନୂତନ ଥିବାରୁ ଓଡିଆ ଲୋକେ ଏହାର ରୀତିନୀତି ଭଲଭାବରେ ବୁଝି ପାରୁନଥିଲେ, ଫଳରେ କେତେକ ବଙ୍ଗୀୟ ଓ ମୁସଲମାନ ହାକିମ ସାମାନ୍ୟ କାରଣରେ ଏଠିକା ଲୋକଙ୍କର ଜମିଦାରୀ କଳିକତାରେ ନିଲାମ କରାଇ ଅତି କମ ମୂଲ୍ୟରେ ନିଜେ ଟଙ୍କାଦେଇ ବେନାମୀରେ କ୍ରୟ କରି ନେଉଥିଲେ। ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାର ପ୍ରାୟ ଦୁଇ ତୃତୀୟାଂଶ ଜମିଦାରୀ ଇଂରେଜ ଶାସନର ଅଳ୍ପ କେତେ ବର୍ଷ ଭିତରେ 'ଖଜଣା ବାକି' କାରଣରେ ସୁଦୂର କଳିକତାରେ ନିଲାମ ହୋଇଯାଇଥିଲା ଏବଂ ବଂଗୀୟ ହାକିମ ଓ ଦଲାଲମାନେ ଏହି ସବୁ ଜମି କିଣି ନେଇଥିଲେ। ଫଳରେ ଏଠାରେ ଜମିଦାରମାନେ ସର୍ବସ୍ୱାନ୍ତ ହୋଇଯାଇଥିଲେ। କଳିକତାକୁ ଯାଇ ଏହାର ପ୍ରତିବାଦ କରିବାର ସୁଯୋଗ ନଥିଲା। ନିଲାମ ନେଇଥିବା ନୂତନ ଜମିଦାରମାନେ ଜମିଦାରୀର ଜମା ଆଡକୁ କେବଳ ଧ୍ୟାନ ଦେଉଥିଲେ। ଜମା ଆଦାୟ କରିବା ପାଇଁ ଅତି ନିର୍ମମ ପନ୍ଥା ଅବଲମ୍ବନ କରି ପ୍ରଜାଙ୍କ ଠାରୁ ସ୍ଥଳବିଶେଷରେ ଦେଢା, ଦୁଇଗୁଣା ଖଜଣା ଆଦାୟ କରୁଥିଲେ। ଏହା ଦ୍ୱାରା ପ୍ରଜାକୁଳ ଅତି ଦୁଃଖରେ ଜୀବନଯାପନ କରୁଥିଲେ। ୧୮୦୬ରୁ ୧୮୧୬ ଏ ଦଶ ବର୍ଷ ଭିତରେ ଏ ତିନି ଜିଲାରୁ ୧୦୧୧ଟି ଜମିଦାରୀ ନିଲାମ ହୋଇଥିଲା ଏବଂ ଏଥିରୁ ୩୫୦ଟି ବିଦେଶୀ ବଙ୍ଗୀୟମାନେ ଖରିଦ କରି ନେଇଥିଲେ। ଇଂରେଜ ଶାସନ ସମୟରେ ଅତ୍ୟଧିକ ଖଜଣା ବୃଦ୍ଧି, ଦଶବର୍ଷ ଭିତରେ ଛ'ଥର ବନ୍ଦୋବସ୍ତ, କଉଡି ବଦଳରେ ଟଙ୍କାରେ ଖଜଣା ଆଦାୟ ଓ ଏକଚାଟିଆ ଲୁଣ ବ୍ୟବସାୟ ଯୋଗୁଁ ପ୍ରଜାମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯାଇଥିଲା। ଲୁଣ ଭଳି ଜିନିଷର ଦାମ ଅତ୍ୟଧିକ ବୃଦ୍ଧି ପାଇଥିଲା। ଇଂରେଜମାନଙ୍କର ଶାସନ ନୀତି ଜାଗିରଦାର ଓ ବୃ ିଭୋଗୀମାନଙ୍କର କାଳହେଲା। ଉଲ୍ଲେଖ୍ୟଯୋଗ୍ୟ ଯେ, ଖୋର୍ଦ୍ଧା ଥିଲା ଏକ ପାଇକ ବହୁଳ ଅଞ୍ଚଳ। ଦେଶୀୟ ରାଜାମାନଙ୍କ ଅମଳରୁ ସେମାନେ ନିଷ୍କର ଜାଗିରି ଭୋଗ କରି ଆସୁଥିଲେ। ଯୁଦ୍ଧ ସମୟ ପରେ ଚାଷବାସ କରି ଜୀବନଯାପନ କରୁଥିଲେ। ଖୋର୍ଦ୍ଧାର ପାଇକମାନଙ୍କର ଓ ଜାଗିରିଭୋଗୀଙ୍କର ନିଷ୍କର ଜାଗିରିଗୁଡିକୁ ସରକାର ଖାସ କରିଦେଇ ଜମାଧାର୍ଯ୍ୟ କରିଦେଲେ। କରଭାର ଓ ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁ ଘରର କଂସାବାସନ ବିକି ମଧ୍ୟ ଲୋକେ ଋଣମୁକ୍ତ ହେଲେନାହିଁ। ପାଇକ ବିଦ୍ରୋହ ପୂର୍ବରୁ କେବଳ ଖୋର୍ଦ୍ଧା ଅ ଳର ୫୦୦୦ କି ୬୦୦୦ କୁଟୁମ୍ବ ଘରଦ୍ୱାର ଛାଡ଼ି ପେଟ ପୋଷିବା ପାଇଁ ଅନ୍ୟତ୍ର ଚାଲିଗଲେ। ବହୁ ଗ୍ରାମ ଜନଶୂନ୍ୟ ହୋଇଯାଇଥିଲା।' ବାରମ୍ବାର ବନ୍ଦୋବସ୍ତ କରି ଖଜଣା ବୃଦ୍ଧିକରି କଂପାନୀ ସରକାର ଯେଉଁ ଆର୍ଥିକ ଶୋଷଣ କଲେ ସେ ସଂପର୍କରେ ଶ୍ରୀ ଇଓ୍ୱେର ଲେଖିଛନ୍ତି- "The indigent miserable and depressed condition of the bulk of the agricultural population occasioned chiefly by the constant fluctuation of the government assesment."

**ପାଇକ ବିଦ୍ରୋହର ନେତା ବକ୍ସି ଜଗବନ୍ଧୁ:** ଇଂରେଜମାନଙ୍କ ଓଡିଶା ଅଧିକାର ପରେ ଯେଉଁ ଯେଉଁ କାରଣରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ପ୍ରଜ୍ଜ୍ୱଳିତ ହୋଇଥିଲା ତାହା ପୂର୍ବରୁ ବର୍ଣ୍ଣିତ ହୋଇଛି। ବକ୍ସି ଜଗବନ୍ଧୁ ଭ୍ରମରବର ରାୟ ମହାପାତ୍ର ପୁରୁଷାନୁକ୍ରମେ ଖୋର୍ଦ୍ଧା ରାଜାଙ୍କ ସେନାପତି ଥିଲେ। ସେନାପତି ପଦରେ ଥିବା ହେତୁ ରୋଡଙ୍ଗ ମାହାଲ ଜାୟଗିରି ଭାବେ ପାଇଥିଲେ। କିନ୍ତୁ ବଂଗଦେଶ ପାଇକପଡାର ଜଣେ କର୍ମଚାରୀ କୃଷ୍ଣଚନ୍ଦ୍ର ସିଂହ ଚ କତା କରି ତାଙ୍କ ନିଜ ନାମକୁ ନେଇଗଲେ। ଫଳରେ ବକ୍ସି ସ୍ୱାଭିମାନ ଦୃଷ୍ଟିରୁ ମୋକଦ୍ଦମାର ଆଶ୍ରୟ ନନେଇ ପାଇକ ଦଳେଇ ଦଳବେହେରା ତଥା ଜନସାଧାରଣଙ୍କ ସାହାଯ୍ୟରେ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ କଲେ ତାକୁ କୁହାଗଲା ଓଡିଶାର ପାଇକ ବିଦ୍ରୋହ। ଏହା ମଧ୍ୟ ଥିଲା ଭାରତର ପ୍ରଥମ ଗଣ ବିପ୍ଳବ। ଖ୍ରୀ ୧୮୧୭ରୁ ୧୮୨୫ ପର୍ଯ୍ୟନ୍ତ ୮ବର୍ଷଧରି ଲାଗି ରହିଥିଲା ପାଇକମାନଙ୍କର ସଶସ୍ତ୍ର ଗଣବିପ୍ଳବ। ଏହାର ୪୦ ବର୍ଷ ପରେ ହୋଇଥିଲା ସିପାହୀ ବିଦ୍ରୋହ, ଯାହାକି ମାତ୍ର ୨ବର୍ଷ ମଧ୍ୟରେ ପ୍ରଶମିତ ହୋଇଥିଲା। ଏହା କଳିକତାର ବାରାକପୁରରୁ ଆରମ୍ଭ ହୋଇଥିଲା। ଇଂରେଜମାନେ ବାରାକପୁର ଥିବା ବଂଗ ପ୍ରଦେଶକୁ ଓଡିଶା ଆଗମନର ଶହେ ବର୍ଷ ପୂର୍ବରୁ ଦଖଲ କରିଥିଲେ। କିନ୍ତୁ ଇଂରେଜ ଶାସନର ଶହେ ବର୍ଷ ପରେ ସେଠାରେ ବହୁ ବିଳମ୍ବରେ ବିଦ୍ରୋହ ଆରମ୍ଭ ହୋଇଥିବାବେଳେ ଓଡିଶାରେ ଇଂରେଜମାନଙ୍କ ଆଗମନ ମାତ୍ରେ ୧୮୦୩ରୁ ୧୯୩୬ ପର୍ଯ୍ୟନ୍ତ ଇଂରେଜ ବିରୋଧି ଅଭିଯାନ ବାସ୍ତବିକ ଓଡିଆମାନଙ୍କ ସ୍ୱାଧୀନଚେତା ମନୋଭାବର ପରିଚୟ ଦିଏ। ପାଇକ ବିଦ୍ରୋହ ସମୟରେ ବାଣପୁର, ଖୋର୍ଦ୍ଧା, ଗଙ୍ଗପଡା, ପୁରୀ, କଣାସର ଦୋକନ୍ଦା, ପିପିଲି, ବାଲକାଟି, ଚନ୍ଦକା, କୁଜଙ୍ଗ ଆଦି ବିଭିନ୍ନ ସ୍ଥାନରେ ସାମୟିକ ଭାବେ ସଶସ୍ତ୍ର ସଂଗ୍ରାମ ଲାଗିରହି ଇଂରେଜ ଶାସନକୁ ଟଳମଳ କରି ରଖିଥିଲା। ଏହି ବିଦ୍ରୋହ ପ୍ରଶମିତ ହୋଇଥିଲେ ହେଁ ବକ୍ସି ଧରାପଡୁନଥିବାରୁ ଏବଂ ରାଜ୍ୟରୁ ଏପରିକି ଗଡଜାତ ରାଜାମାନଙ୍କ ପକ୍ଷରୁ ତାଙ୍କୁ ସମ୍ମାନ ସମର୍ଥନ ଅବ୍ୟାହତ ରହୁଥିବାରୁ ବ୍ରିଟିଶ ସରକାର ଆତଙ୍କିତ ରହୁଥିଲେ। ବକ୍ସିଙ୍କୁ ସମାଜର ସବୁ ଶ୍ରେଣୀର ଲୋକେ ଏତେ ଭଲ ପାଉଥିଲେ ଯେ ଇଂରେଜମାନଙ୍କର ବିରାଟ ସାମରିକ ଅଭିଯାନକୁ ଏଡ଼ାଇ ସେ ନିଜକୁ ନିରାପଦ ରଖିପାରିଥିଲେ। ଶେଷରେ ବାଧ୍ୟ ହୋଇ ଇଂରେଜ ସରକାର ତାଙ୍କୁ ସମ୍ମାନଜନକ ଚୁକ୍ତିରେ ୧୮୨୫ ମେ ମାସ ୨୭ ତାରିଖ ଦିନ ନୟାଗଡରୁ ପାଛୋଟି ଆଣି କଟକରେ ଅଟକ ବନ୍ଦୀରେ ରଖିଲେ। ୧୮୨୯ ଜାନୁଆରୀ ୨୪ ତାରିଖ ଦିନ ଏହି ମହାନ୍ ଦେଶପ୍ରେମୀ ଜନନାୟକଙ୍କର ପରଲୋକ ହୋଇଥିଲା। ଶୁଣାଯାଏ ତାଂକ ଖାଦ୍ୟରେ ପ୍ରତିଦିନ ମୃଦୁ ବିଷ ବା ସ୍ଲୋ ପଏଜନ୍ ଦିଆଯାଉଥିଲା, ଯାହା ଫଳରେ ତାଂକର ଶୀଘ୍ର ମୃତ୍ୟୁ ଘଟିଥିଲା। ପାଇକ ବିଦ୍ରୋହର ଦୀର୍ଘ ୮ବର୍ଷ ମଧ୍ୟରେ ବହୁ ସଂଖ୍ୟକ ବିଦ୍ରୋହୀ ନେତାଙ୍କୁ ଧରି ଇଂରେଜ ସରକାର ସେମାନଙ୍କ ବିରୋଧରେ ମାମଲା ଦାୟର କରି ଦଣ୍ଡ ଦେଇଥିଲେ। ସେହି ପ୍ରମୁଖ ନେତାମାନଙ୍କ ବ୍ୟତୀତ ବିଦ୍ରୋହରେ ଯୋଗଦେଇ ଧରାପଡିଥିବା ଆଉ ୧୬୭ ଜଣଙ୍କ ମଧ୍ୟରୁ ୯ଜଣଙ୍କୁ ସଶ୍ରମ କାରାଦଣ୍ଡ, ୧୦୩ ଜଣଙ୍କୁ ଦ୍ୱୀପାନ୍ତର ଦଣ୍ଡ, ୨୫ ଜଣଙ୍କୁ ପ୍ରଦେଶ ବାହାରେ ନିର୍ବାସନ ଦଣ୍ଡ ଏବଂ ୪ଜଣଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆଯାଇଥିଲା। ଇଂରେଜମାନଙ୍କ ହାତରେ ଧରା ପଡିଥିବା ବହୁ ବିଦ୍ରୋହୀ ନେତାଙ୍କୁ ଧରାଇ ଦେବାପାଇଁ ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଥିଲା ଏବଂ ଯେଉଁମାନେ କେତେଜଣ ବିଦ୍ରୋହୀଙ୍କୁ ଧରାଇ ଦେଇଥିଲେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। କିନ୍ତୁ ବକ୍ସି ଜଗବଂଧୁ ଓ ତାଙ୍କର ପ୍ରମୁଖ ସହଯୋଗୀ ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କୁ ଧରାଇ ଦେବାପାଇଁ ପୁରସ୍କାର ଘୋଷଣା କରାଯାଇଥିଲେ ମଧ୍ୟ ସେମାନଙ୍କୁ କେହି ଧରାଇ ଦେଇ ନଥିଲେ ଏବଂ ସୋମନଙ୍କ ଦୀର୍ଘକାଳ ଆତ୍ମଗୋପନ ହିଁ ଇଂରେଜ ସରକାରଙ୍କ ପାଇଁ ଗଭୀର ଆଶଙ୍କା ଓ ଭୟର କାରଣ ହୋଇଥିଲା। ସେଥିପାଇଁ ଇଂରେଜ ସରକାର ବାଧ୍ୟ ହୋଇ ଶେଷରେ ବକ୍ସିଙ୍କ ସହିତ ଦ୍ୱିପାକ୍ଷିକ ଚୁକ୍ତି ଭି ିର ଆପୋସ ମିଳାମିଶାକରି ତାଙ୍କୁ କିପରି ସମ୍ମାନ ପ୍ରଦର୍ଶନ କରିଥିଲେ ତାହା ବିଶେଷ ପ୍ରଣିଧାନଯୋଗ୍ୟ।

**ପିଣ୍ଡିକି ବାହୁବଳେନ୍ଦ୍ର:** ପାଇକ ବିଦ୍ରୋହ ଯୋଗୁଁ ସାଧାରଣ ଲୋକେ ବହୁ ନିର୍ଯ୍ୟାତିତ ହୋଇଛନ୍ତି। ଅନେକଙ୍କର ପ୍ରାଣହାନି ଘଟିଛି। କେତେକ ଧରାପଡି ଜେଲଦଣ୍ଡ ଭୋଗିଛନ୍ତି ଓ ଶହୀଦ ହୋଇଛନ୍ତି। ଏହି ପାଇକ ବିଦ୍ରୋହର ଜଣେ ପ୍ରମୁଖ ବିଦ୍ରୋହୀ ଥିଲେ ପିଣ୍ଡିକି ବାହୁବଳେନ୍ଦ୍ର। ସେ କମ୍ପାନୀ ସରକାର ବିରୋଧରେ ବିଶାଳ ପାଇକ ବାହିନୀ ଧରି ବଣ ଜଙ୍ଗଲରେ ଲୁଚିଛପି ଖଣ୍ଡଯୁଦ୍ଧ କରିଥିଲେ। ତାଙ୍କୁ ଧରିବା ସେତେ ସହଜ ନଥିଲା। ପିଣ୍ଡିକି ବିଲୁଆର ଚତୁରତା ଓ ଷଣ୍ଢର ବଳ ପ୍ରୟୋଗ କରି ବିଭିନ୍ନ ପ୍ରକାର ଛଦ୍ମବେଶରେ ଖଣ୍ଡଗିରି ଓ ଚନ୍ଦକା ଜଙ୍ଗଲ ଅ ଳରେ ସରକାରୀ ଖଜଣାଖାନା ଲୁଟ୍ ଓ ସରକାରୀ କର୍ମଚାରୀଙ୍କୁ ନିର୍ମମ ଭାବରେ ହତ୍ୟା କରିବା ଆରମ୍ଭ କଲେ। ସରକାର ବ୍ୟତିବ୍ୟସ୍ତ ହୋଇ ତାଙ୍କୁ ଧରିବା ପାଇଁ ବିଭିନ୍ନ ଘୋଷଣାନାମା ମଧ୍ୟ କଲେ। ତାହା ଫଳବତୀ ନହେବାରୁ ପିଣ୍ଡିକ ବାହୁବଳେନ୍ଦ୍ରଙ୍କୁ ଧରିବା ପାଇଁ ସରକାର ଏକ ହଜାର ଟଙ୍କା ପୁରସ୍କାର ଘୋଷଣା କଲେ। ଦାରୁଠେଙ୍ଗର ଏହି ବିପ୍ଳବୀବୀର ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଧରିବା ପାଇଁ ସରକାରୀ କଳ ତତ୍ପର ହୋଇଉଠିଲେ। ଯେକୌଣସି ଉପାୟରେ ବିଦ୍ରୋହୀ ପିଣ୍ଡିକିଙ୍କୁ ଧରିବା ପାଇଁ ସରକାର ଚିନ୍ତା କଲେ। ସେହି ସମୟରେ ଦୁଇଜଣ ବିଦ୍ରୋହୀ ମଧୁ ମହାନ୍ତି ଓ ବିଷ୍ଣୁ ମହାନ୍ତି ବିଶ୍ୱାସଘାତକ କାର୍ଯ୍ୟ କଲେ। ବିପ୍ଳବୀ ପିଣ୍ଡିକି ଓ ତାଙ୍କର ସହଯୋଗୀଙ୍କୁ ଧରାଇନେବା ପାଇଁ ଖୋରଧାର ଆକ୍ଟିଙ୍ଗ ମାଜିଷ୍ଟ୍ରେଟ ଏମ୍.ଏଚ.ଟର୍ଣ୍ଣବୁଲଙ୍କୁ ସମ୍ବାଦ ଦେଲେ ଏବଂ ଧରାଇ ଦେଇ ପୁରସ୍କାର ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ। ଗିରଫ କରିବା ଦାୟିତ୍ୱ ବ୍ରିଗେଡିୟର ଥୋମାସ୍ ସାହେବଙ୍କ ଉପରେ ନ୍ୟସ୍ତ କରାଗଲା। ୧୮୧୮ ସେପ୍ଟେମ୍ବର ୨୦ ତାରିଖରେ ସେମାନେ ସଦଳବେଳେ ପିଣ୍ଡିକିଙ୍କୁ ଧରିବା ପାଇଁ ବାହାରିଲେ। ସେତେବେଳେ ପିଣ୍ଡିକି ପଳାଇ ଯାଇଥିଲେ। କିନ୍ତୁ ତାଙ୍କର କେତେଜଣ ସହଯୋଗୀ ସାଧୁଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ ଓ ଧ୍ରୁବ ଜେନା ଧରାପଡ଼ିଲେ । ବିଷ୍ଣୁ ମହାନ୍ତି ଓ ସାଧୁ ମହାନ୍ତି ଉଭୟଙ୍କୁ ୨୫୦ଟଙ୍କା ଲେଖାଏଁ ପୁରସ୍କାର ଦେବାପାଇଁ ଟର୍ଣ୍ଣବୁଲ୍ କମିଶନର ସାହେବଙ୍କୁ ପ୍ରସ୍ତାବ ଦେଲେ।

ପିଣ୍ଡିକି ବାହୁବଳେନ୍ଦ୍ର ଧରା ନପଡିବାରୁ ସରକାରଙ୍କର ଚିନ୍ତା ବଢ଼ିଯାଇଥିଲା। ସରକାର ଖଟୁଆମାନଙ୍କଠାରୁ ଜାଣିବାକୁ ପାଇଲେ ଯେ ମଳିପଡା ଜାଗିରଦାର ଧ୍ରୁବଜୟ ହରିଚନ୍ଦନ ପିଣ୍ଡିକିଙ୍କ ମିତ୍ର। ଏଣୁ ପିଣ୍ଡିକିଙ୍କୁ ଧରାଇ ନଦେଲେ ତାଙ୍କ ଜାଗିରି ଉଚ୍ଛେଦ ହେବାର ଭୟ ଦେଖାଇବା ସହିତ ଧରାଇ ଦେଲେ ପୂର୍ବ ଘୋଷିତ ଏକ ହଜାର ଟଙ୍କା ସହିତ ଅଧିକ ଜମିବାଡି ଜାଗିର ଦେବାର ପ୍ରତିଶ୍ରୁତି ଦିଆଗଲା। ଏହି ଲୋଭର ବଶବ ୀ ହୋଇ ଧ୍ରୁବଜୟ ଛଳନାକରି ପିଣ୍ଡିକିଙ୍କୁ ଘରକୁ ଡାକି ଭୋଜନରେ ଭାଙ୍ଗ ନିଶା ଖୁଆଇ ଦେଲେ ଏବଂ ପୂର୍ବ ଯୋଜନା ମତେ ଗୋରା ସିପାହୀମାନେ ସେ ଶୋଇଥିବା ଅବସ୍ଥାରେ ପିଣ୍ଡିକିଙ୍କୁ ଧରିଲେ।

ଐତିହାସିକ ଦିଗମ୍ବର ଶ୍ରୀଚନ୍ଦନ ଏହା ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି- 'ଏହି ବାହୁବଳେନ୍ଦ୍ର ଧରାହୋଇ କଟକରେ ବନ୍ଦୀ ହୋଇଥିଲେ ଯେ, ତାଙ୍କ ଗୋଡ଼ରେ ବେଡ଼ିଥାଇ ତାଙ୍କୁ ଅସ୍ତ୍ରଶସ୍ତ୍ର ସଫା କରିବାକୁ ଦିଆଯିବାରେ ସେ ତହିଁରୁ ଗୋଟିଏ ତରବାରୀ ଆପଣା ମୁଠାକୁ ଠିକ୍ କରି ବନ୍ଦୀ ଘରୁ ବାହାରି କାଠଯୋଡ଼ି ନଦୀ ନିଜ ବାହୁବଳରେ ପାରହୋଇ ବାରଙ୍ଗ ପଯ୍ୟନ୍ତ ବାହାରି ଆସିଥିଲେ। ସୈନ୍ୟମାନେ ତାଙ୍କୁ ଧରି ନପାରି ବନ୍ଧୁକ ପ୍ରୟୋଗ କରିବାରେ ସେ ଗୁଳିଗୋଳା ପର୍ଯ୍ୟନ୍ତ ଆପଣା ହସ୍ତମୁଠାରେ ଧରିଥିଲେ। ପରିଶେଷରେ ସୈନ୍ୟମାନେ ଘେରାଉ କରି ଗୋଳାବର୍ଷଣ ଦ୍ୱାରା ମାରି ପକାଇବାରୁ କ ୃପକ୍ଷମାନେ ଦୁଃଖପ୍ରକାଶ କରିଥିବାର ଶୁଣାଯାଏ।'

ଏତେଦିନ ପର୍ଯ୍ୟନ୍ତ ପିଣ୍ଡିକିଙ୍କ ପ୍ରତି ବିଦେଶୀ ସରକାରର ଯେଉଁ ଭୟ ଥିଲା ତାହା ଦୂରୀଭୂତ ହେଲା। ଉତ୍କଳ ଗଗନରୁ ଦୀପ୍ତିମାନ ଜ୍ୟୋତିଷ୍କ ଚିରଦିନ ପାଇଁ ଅନ୍ତର୍ହିତ ହେଲା। ବ୍ରିଟିଶ ସରକାର ବିରୋଧରେ ସେ ଯେଭଳି ନେତୃତ୍ୱ ନେଇ ପ୍ରାଣଦାନ କଲେ, ସମଗ୍ର ଭାରତ ଇତିହାସରେ ତା'ର ପଟାନ୍ତର ନାହିଁ।

ଶହୀଦ ପର୍ଶୁରାମ ରାଉତରା: ପର୍ଶୁରାମ ରାଉତରାୟ ଖୋର୍ଦ୍ଧା ବିଦ୍ରୋହର ନେତା ବକ୍ସି ଜଗବନ୍ଧୁଙ୍କର ଦୃଢ଼ ସମର୍ଥକ ଥିଲେ। ଅନ୍ୟ ପକ୍ଷରେ କୁଦିଆରୀ ଗ୍ରାମର ଚରଣ ପଟ୍ଟନାୟକ ଜଣେ ଖଳନାୟକ ଥିଲେ। ବ୍ରିଟିଶ ସରକାରଙ୍କ ବିରୋଧରେ ବକ୍ସି ଜଗବଂଧୁ ମରହଟ୍ଟାଙ୍କ ସହିତ ଷଡଯଂତ୍ର ଚଳାଇଥିଲେ ବୋଲି ପୁଲିସଙ୍କୁ ଖବର ଦେଇଥିବା ଚରଣ ପଟ୍ଟନାୟକଙ୍କ ସ୍ପଷ୍ଟ ଦିବାଲୋକରେ ସମସ୍ତ ଗ୍ରାମବାସୀଙ୍କ ସମ୍ମୁଖରେ ହତ୍ୟା କରାଯାଇଥିବା ବେଳେ ଗ୍ରାମବାସୀ ଚରଣଙ୍କୁ ରକ୍ଷା କରିବାକୁ ଆଗେଇ ଆସିନଥିଲେ। ସେଥିପାଇଁ ସମସ୍ତ ଗ୍ରାମବାସୀଙ୍କୁ ଦାୟୀ କରାଯାଉ ବୋଲି ବ୍ରିଗେଡିୟର ଥୋମାସ ସୁପାରିଶ କରିଥିଲେ। ଚରଣ ପଟ୍ଟନାୟକଙ୍କ ହତ୍ୟା ଅଭିଯୋଗରେ ଫାଶୀଦେବା ନେଇ ଦୁଇଜଣଙ୍କ ନାଁ ଆସେ। 'ଖୋର୍ଦ୍ଧା ଇତିହାସର ଅନ୍ତରାଳେ' ପୁସ୍ତକର ୬୦ ପୃଷ୍ଠାରେ ଫକୀର ହରିଚନ୍ଦନ - ଏ ଗାଇଡ୍ ଟୁ ଓରିଶାନ୍ ରେକର୍ଡସ୍ ଭଲ୍ୟୁମ-୩ କୁ ଆଧାର କରି ତା୬.୪.୧୮୧୯ରେ ଜଜ୍ ଓ ମାଜିଷ୍ଟେଟ ଟର୍ନବୁଲଙ୍କ ଫରେଷ୍ଟରଙ୍କୁ ପତ୍ର ଶୀର୍ଷକରେ' ସମ୍ବଲପୁର ରାଣୀଙ୍କ ଦେବାନ୍ ସଦାଶିବ ରାୟଙ୍କ ହତ୍ୟା ଅପରାଧରେ ପ୍ରାଣଦଣ୍ଡ ଦେବା ହେଲା ବୋଲି ଉଲ୍ଲେଖ କରିଛନ୍ତି। ପୁନଶ୍ଚ ତା ୧୮.୪.୧୮୧୯ରିଖ ପତ୍ରରେ ଚରଣ ପଟ୍ଟନାୟକଙ୍କ ହତ୍ୟା ଅପରାଧରେ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ଫାଶୀ ଦଣ୍ଡାଦେଶ ହେଲା ବୋଲି ଉଲ୍ଲେଖ କରିଛନ୍ତି। ଏ ପ୍ରସଙ୍ଗରେ ପ୍ରଫେସର ଧ୍ରୁବଚରଣ ଜୟସିଂହ ପାଇକରାୟ ଏ ଉକ୍ତିକୁ ଖଣ୍ଡନ କରିବା ସହିତ ଭିନ୍ନ ମତପୋଷଣ କରିଛନ୍ତି। ସେ ମଧ୍ୟ Guide to Orissan Records Vol-45 (OSA, Bhubaneswar )କୁ ଅବତାରଣା କରି ଚରଣ ପଟ୍ଟନାୟକଙ୍କ ହତ୍ୟା ଅଭିଯୋଗରେ ପର୍ଶୁରାମ ରାଉତରାୟଙ୍କୁ ଫାଶୀ ଦଣ୍ଡ ଦେବା ଯେଉଁ ପତ୍ର ବଳରେ ହୋଇଥିଲା ତା'ର ଅବତାରଣା କରିଛନ୍ତି। ସେହି ଚିଠିରୁ ସ୍ପଷ୍ଟ ସୂଚୀତ ହୁଏ ଯେ ବିଶ୍ୱାସଘାତକ ଚରଣ ପଟ୍ଟନାୟକ ହତ୍ୟା ଅପରାଧରେ ପର୍ଶୁରାମ ରାଉତରାୟଙ୍କୁ ଫାଶୀ ଦିଆଯାଇଥିଲା। ପା ଗଡ଼ ରାଣୀଙ୍କ ଦେଓ୍ୱାନ ସଦାଶିବ ରାୟ ଓରଫ ବହିଦାରଙ୍କ ହତ୍ୟା ଅଭିଯୋଗରେ କେହି କେହି ପର୍ଶୁରାମ ରାଉତରାୟଙ୍କ ନାମ ଉଲ୍ଲେଖ କରିଛନ୍ତି, ଯାହା ପ୍ରମାଣସିଦ୍ଧ ନୁହେଁ। ବୋଲଗଡ଼ ଅଞ୍ଚଳରେ ପା ଗଡ଼ ରାଣୀଙ୍କ ଦେଓ୍ୱାନଙ୍କ ହତ୍ୟା ଅଭିଯୋଗରେ ବାଙ୍କୋଇର କାଳିଆ ଭୂଇଁମୂଳ ଓରଫ ମଙ୍ଗରାଜଙ୍କ ନାମ ପ୍ରକାଶ କରିଛନ୍ତି ଯାହା ଅନୁସନ୍ଧାନ ସାପେକ୍ଷ। ଶହୀଦ ପର୍ଶୁରାମ ରାଉତରାୟ ଯେ ପାଇକ ବିଦ୍ରୋହର ଜଣେ ଅମର ଶହୀଦ, ସଚ୍ଚା ଦେଶ ସେବକ ଓ ନମସ୍ୟ ଏହା ବାରମ୍ବାର ସ୍ମରଣ କରିବାକୁ ପଡିବ। ବିଦ୍ରୋହୀ ସର୍ଦ୍ଦାର ଗୋପାଳ ଛୋଟରାୟ: ବିପ୍ଳବୀ ବୀର ଗୋପାଳ ଛୋଟରାୟ ବକ୍ସି ଜଗବନ୍ଧୁଙ୍କର ଅତି ନିକଟତମ ବ୍ୟକ୍ତି ଥିଲେ। ସେ ଗଙ୍ଗପଡା ଦଳବେହେରା ବଂଶଜ। ଛୋଟରାୟଙ୍କୁ ଧରିବା ପାଇଁ ଏକ ହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଖୋର୍ଦ୍ଧାର ଦାରୋଗା ଶିଓ-ପ୍ରସାଦ ରାୟ ଗୋପାଳ ଛୋଟରାୟ ଓ ତାଙ୍କ ଦଳବଳଙ୍କୁ ଧରିବାରେ ବିଶେଷ ଯତ୍ନ କରିଥିବାରୁ ତାଙ୍କୁ ପୁରସ୍କାର ଦିଆଗଲା। ଇଂରେଜ-ଗଙ୍ଗପଡା ଯୁଦ୍ଧରେ ସେ ନେତୃତ୍ୱ ନେଇ ଥିଲେ। 'ଭାରତର ପ୍ରଥମ ରଣବିପ୍ଳବ' ପୁସ୍ତକର ୬୧ ପୃଷ୍ଠାରେ ତାଙ୍କୁ ଫାଶୀ ଦିଆଯାଇଥିଲା ବୋଲି ଡ଼ ଲକ୍ଷ୍ମୀ ନାରାୟଣ ରାୟସିଂହ ଉଲ୍ଲେଖ କରିଛନ୍ତି। ***(କ୍ରମଶଃ...)***

**ସତ୍ୟବାଦୀ ବଳିଆରସିଂହ**, ଉପଦେଷ୍ଟା, କଳିଙ୍ଗ ପାଇକ ସଂଗଠନ, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା, ଶୂନ୍ୟଭାଷ: ୯୨୩୭୦୮୯୫୦୯



# ମୋ ଗାଁ

## ୧୬ନଂ ଜାତୀୟ ରାଜପଥ ଚଣ୍ଡିଖୋଲ ଛକ ଗଳିପୋଲ ଠାରେ ବାରମ୍ବାର ଦୁର୍ଘଟଣା : ଦୁର୍ଘଟଣାରୁ ବର୍ତ୍ତିଲେ ଆଇନ ଜୀବୀ ଜ୍ୟୋତିର୍ମୟୀ ସ୍ୱାଇଁ

ଦର୍ପଣ,(ପିଏନ): ଚଣ୍ଡିଖୋଲ ଛକ ୧୬ନଂ ଜାତୀୟ ରାଜପଥ ଓ ୫୩ନଂ ଜାତୀୟ ରାଜପଥର କେନ୍ଦ୍ରସ୍ଥଳ। ଦୀର୍ଘ ବର୍ଷ ହେବ ଚଣ୍ଡିଖୋଲ ଠାରେ ଏକ ଟ୍ରାଫିକ ଥାନା କରଯାଇଅଛି ଓ ଯାତ୍ରୀମାନଙ୍କର ଜାତୟାତର ସୁବିଧା ପାଇଁ ଟ୍ରାଫିକ ପଏଂଟ ମଧ କରାଯାଇଅଛି। ଅଧିକନ୍ତୁ ଜାତୀୟ ରାଜପଥ ପ୍ରାଧିକରଣ କାର୍ଯ୍ୟାଳୟର ଅଧିକାରୀ ଯାଜପୁର ଜିଲ୍ଲା ପ୍ରଶାସନର ସହାୟତା ନେଇ ଯାତ୍ରୀମାନଙ୍କର ରାସ୍ତାର ଉଭ ପାର୍ଶ୍ୱକୁ ଯାତୟାତ କରିବା ସ୍ଥାନରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଛନ୍ତି। ଏ ନେଇ ଚଣ୍ଡିଖୋଲ ଛକରେ ଯାତ୍ରୀମାନେ ଯାତୟାତ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଂଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ୧୬ନଂ ଜାତୀୟ ରାଜପଥରେ ଏକ ଗଳି ପୋଲ ଓ ୧କିଲୋମିଟର ଦୂରରେ ଆଉ ଗୋଟିଏ ଗଳିପୋଲ ମଧ କରିଛନ୍ତି।





ଚଣ୍ଡିଖୋଲ ଛକଠାରେ ଆରଟିଓ କାର୍ଯ୍ୟାଳୟ ଚଣ୍ଡିଖୋଲ କୋର୍ଟ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ପ୍ରଭୃତି ରହିଅଛି। ଗଳିପୋଲ ଦେଇ ବହୁ ସଂଖ୍ୟାରେ ଚାରିଚକିଆ ଯାନ ଓ ବାଇକ ଆରୋହୀମାନେ ଚଣ୍ଡିଖୋଲ କୋର୍ଟକୁ ଓ ଆଂଚଳିକ ପରିବହନ କାର୍ଯ୍ୟାଳୟକୁ ଯାତୟାତ କରିଥାନ୍ତି। ସେହି ଗଳିପୋଲରେ ବହୁ ସଂଖ୍ୟାରେ ବାଇକ ଆରୋହୀ ଯାତୟାତ କରିବା ଦ୍ୱାରା ବାରମ୍ବାର ମଧ ଦୁର୍ଘଟଣା ଘଟୁଅଛି। ଏଥିପ୍ରତି ଜିଲ୍ଲାପ୍ରଶାସନର ଆଦୌ ଦୃଷ୍ଟି ପଡୁନାହିଁ। ଆଜି ଚଣ୍ଡିଖୋଲ କୋର୍ଟରେ ଆଇନଜୀବୀ ଜ୍ୟୋତିର୍ମୟୀ ସ୍ୱାଇଁ ତାଙ୍କ ସ୍କୁଟିରେ ଯିବା ସମୟରେ ଗଳିପୋଲ ପାଖରେ ଏକ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ ମଧ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏ ସମ୍ପର୍କରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍‌ର ସଭାନେତ୍ରୀ ଆଡ଼ଭୋକେଟ ରେଣୁବାଳା ମହାନ୍ତି ଖବର ପାଇ ଯାଜପୁର ଜିଲ୍ଲା ଏସ୍‌ଡ଼ିପିଓ ସଂଜୟ ପଟ୍ଟନାୟକଙ୍କୁ ଅବଗତ କରାଇ ତୁରନ୍ତ ସେଠାରେ ପୋଲିସ ମୃତୟତ କରିବାପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ଏସ୍‌ଡ଼ିପିଓ ଶ୍ରୀ ପଟ୍ଟନାୟକ ଉକ୍ତ ଗଳିପୋଲଠାରେ ଗୋଟିଏ ଦିନ ମଧରେ ସେଠାରେ ମଧ ପୋଲିସ ମୃତୟନ କରାଯିବା ପାଇଁ ପ୍ରକାଶ କରିଥିଲେ। ଚଣ୍ଡିଖୋଲ ଛକର ବନ୍ଦ ହୋଇଥିବା ଟ୍ରାଫିକ ସ୍ଥାନକୁ ତୁରନ୍ତ ଖୋଲାଯିବା ପାଇଁ ସାମାଜିକ ଅନୁଷ୍ଠାନ ମାନେ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦୃଢ ଦାବି କରିଛନ୍ତି।

### ଅଗଷ୍ଟ ମାସ ପାଇଁ ଜିଲ୍ଲା ପ୍ରଶାସନର ଜନଶୁଣାଣି କାର୍ଯକ୍ରମ

ବଲାଙ୍ଗିର ,(ପି.ଏନ): ଅଗଷ୍ଟ ମାସ ପାଇଁ ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି କାର୍ଯକ୍ରମ ଧାର୍ଯ୍ୟ ହୋଇଛି। ସୂଚନା ଅନୁସାରେ ଅଗଷ୍ଟ ୦୭ ତାରିଖ ସୋମବାର ଦିନ ସକାଳ ଘ ୧୦.୩୦ ମି ସମୟରେ ଜିଲ୍ଲା ମୁଖ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୧୪ ତାରିଖ ସୋମବାର ଦିନ ସକାଳ ଘ ୧୦.୩୦ ମି ରେ ଟିଟିଲାଗଡ, ୨୧ ତାରିଖ ସକାଳ ଘ ୧୦.୩୦ ମି ରେ ତୁରେକେଲା, ୨୮ ତାରିଖ ସକାଳ ଘ ୧୦.୩୦ ମି ରେ ପାଟଣାଗଡ ରେ ଅନୁଷ୍ଠିତ ହେବ। ଏହି ଯୁଗ୍ମ ଅଭିଯୋଗ ଜନଶୁଣାଣିରେ ସମ୍ପୃକ୍ତ ଅଂଚଳର ଜନସାଧାରଣଙ୍କୁ ବ୍ୟକ୍ତିଗତ ତଥା ସାମୁହିକ ଅଭିଯୋଗ ସହ ଆସିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଯୁଗ୍ମ ଜନଶୁଣାଣିରେ ଜିଲ୍ଲାପାଳ ,ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀ ମାନେ ଦରଖାସ୍ତ ଗ୍ରହଣ କରି ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

## ପୁରୀ ସର୍କିଟ ହାଉସରେ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ

ପୁରୀ, (ପି.ଏନ): ପ୍ରାକୃତିକ ବିପର୍ଯ୍ୟୟ ଯେ କୌଣସି ସମୟରେ ଆସିପାରେ।ଆମେ ତାକୁ ରୋକି ପାରିବା ନାହିଁ।କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟ କୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲା ସମ୍ପର୍କରେ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ।ବିଶେଷ କରି ବନ୍ୟା, ବାତ୍ୟା ଚିର ସହଚର ହୋଇ ଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ। ଏଥିରେ ଅଗ୍ନିଶମ ,ବାହିନୀର ପ୍ରତିନିଧିମାନେ ଯୋଗ ଦେଇ ସୃଷ୍ଟି ହେଉଥିବା ବିଭିନ୍ନ ବିପର୍ଯ୍ୟୟ ର ମୁକାବିଲା ପାଇଁ ଗ୍ରହଣ କରିବାକୁ ଥିବା ପଦକ୍ଷେପ ସମ୍ପର୍କରେ ବିଷଦ ଭାବେ ମକଡ୍ରିଲ ମାଧ୍ୟମରେ ପ୍ରଦର୍ଶନ ସହ ଅବଗତ କରାଇଥିଲେ।ଏପରିକି ଦୈନନ୍ଦିନ ଜୀବନରେ ଘଟୁଥିବା ଛୋଟ ବଡ଼ ଦୂର୍ଘଟଣାକୁ କିପରି ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ମଧ ମକଡ୍ରିଲ ମାଧମରେ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର,ଉପଜିଲ୍ଲାପାଳ ଭବତାରଣ ସାହୁ, ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ଜରୁରୀ ବିଭାଗର ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।ଆଜି ମଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୧୭୯ ଗୋଟି ବହୁମୁଖୀ ଆଶ୍ରୟ ସ୍ଥଳରେ ଏହି ପରି ମକଡ୍ରିଲ ର ଆୟୋଜନ କରାଯାଇଥିଲା।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି।
ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଷେଙ୍କକ୍ଷପ୍ସ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,
ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

## ଲାଞ୍ଚ ନେବା ମାମଲାରେ ମୁଖ୍ୟ କିରାଣିକୁ ୩ ବର୍ଷ ଜେଲ ୫ ହଜାର ଟଙ୍କା ଜରିମାନା

କନ୍ଧମାଳ,(ପି.ଏନ): ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା, ଆଜି ଏକ ଲଞ୍ଚ ନେବା ମାମଲାର ବିଚାର କରି ଘଟଣାର ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯାଳୟର ମୁଖ୍ୟ କିରାଣୀ,ଚତୁର୍ଭୁଜ ଖମାରୀକୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହା ସହିତ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ତାକୁ ଆଉ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି. ଭି ରାମଦାସ ପରିଚାଳନା କରୁଥିଲେ ।ସୂଚନା ଅନୁସାରେ ଗତ ୨୦୧୯ ମସିହା ଡିସେମ୍ବର ମାସ ୪ ତାରିଖରେ ଚତୁର୍ଭୁଜ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଂଚଳର ନର୍ମଦା ଟାମୁକିଆଙ୍କ ଫେମିଲି ପେନସନ୍ ରେଗୁଲାର କରାଇ ଦେବା ପାଇଁ ନର୍ମଦାଙ୍କ ଶାଶୁ କୌଶଲ୍ୟା ଟାମୁକିଆଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଟଙ୍କା ସମେତ ଧରା ପଡିଥିଲେ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ସ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ସ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଁଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଁଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ସ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆରମ୍ଭ

ବଲାଙ୍ଗିର ୧୨ ଜୁଲାଇ ( ହି. ସ.): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜବାହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆରମ୍ଭ ହୋଇଛି। ସେମାନେ ଅନଲାଇନ ରେ www. navo daya. gov.in ରେ ଅଗଷ୍ଟ ମାସ ୧୦ ତାରିଖ ମଧ ରେ ଆବେଦନ କରିବାକୁ ନବୋଦୟ ବିଦ୍ୟାଳୟ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ଉପଯୁକ୍ତ ସାର୍ଟିଫିକେଟ ଏବଂ ନିଜସ୍ୱ ସଠିକ ସୂଚନା ସହ ଫର୍ମ ଭରିବାକୁ କୁହା ଯାଇଛି। ସଂପୂର୍ଣ୍ଣ ମେରିଟ ତାଲିକାରେ ନାମ ଥିବା ଛାତ୍ରଛାତ୍ରୀ ଆସନ୍ତା ୨୦୨୪ ବର୍ଷ ପାଠ ପଢିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ପ୍ରବେଶିକା ପରୀକ୍ଷା ନଭେମ୍ବର ୪ ଏବଂ ଜାନୁଆରୀ ୧୦ ତାରିଖରେ ଅନୁଷ୍ଠିତ ହେବ।




# ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା



**ଓ**ଡ଼ିଆ ଭାଗବତରେ ଅଛି: ***"ସାକ୍ଷାତେ ଗୁରୁ ଯେ ଈଶ୍ୱର/ଗୁରୁଙ୍କୁ ନମଣିବ ନର। ଗୁରୁଟି ସର୍ବ ଧର୍ମମୟେ/ମୁହିଁ ବସଇ ଗୁରୁଦେହେ। ଏ ଘେନି ଗୁରୁ ଭଗବାନ/ସେ ନୋହେ ମନୁଷ୍ୟ ସମାନ। ମୋତେ ପୂଜିବ ଗୁରୁଦେହେ/ମୋ ତହୁଁ ଗୁରୁ ଭିନ୍ନ ନୋହେ। ମନ ବଚନ ନିଜ ଦେହେ/ନିତ୍ୟ ସେବିବ ଗୁରୁ ପାୟେ।"***

ଅର୍ଥାତ୍ ଗୁରୁହିଁ ଈଶ୍ୱର। ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା। ଗୁରୁ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ସମକକ୍ଷ ବୋଲି ଶାସ୍ତ୍ରମାନେ ମତ ଦିଅନ୍ତି। ସିଏହିଁ ପ୍ରକୃତ ଗୁରୁ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଆମକୁ ଜ୍ଞାନ ରୂପକ ଆଲୋକ ନିକଟକୁ ଆଣିଥାଆନ୍ତି। ବହୁ ପୁରାତନ କାଳରୁ ଭାରତବର୍ଷରେ ଗୁରୁ ଓ ଶିଷ୍ୟ ପରମ୍ପରା ଚାଲିଆସିଛି। ଗୁରୁ ଏବଂ ଈଶ୍ୱରଙ୍କ ମଧ୍ୟରେ କିଏ ବଡ଼? ଏହି ଅର୍ଥରେ ଶାସ୍ତ୍ର ଏବଂ ଉପନିଷଦମାନେ କୁହନ୍ତି ଯେ ଗୁରୁଙ୍କ ସ୍ଥାନହିଁ ପ୍ରଥମ। କାରଣ ଗୁରୁଙ୍କର ଆଶୀର୍ବାଦ ବିନା ଈଶ୍ୱର କୃପା ମିଳି ପାରିବ ନାହିଁ। ଗୁରୁହିଁ ସକଳ କୃତିତ୍ୱର ମାର୍ଗ ଏବଂ ମାର୍ଗଦର୍ଶକ। ଉପଯୁକ୍ତ ଗୁରୁ ଏବଂ ତାଙ୍କର ଆଦର୍ଶ ପାଇଁ ଶିଷ୍ୟମାନେ ଧନ୍ୟ। ଅନ୍ୟ ଅର୍ଥରେ ଉପଯୁକ୍ତ ଶିଷ୍ୟହିଁ ଉପଯୁକ୍ତ ଗୁରୁର ମର୍ଯ୍ୟଦା ରକ୍ଷାକରିପାରେ। ଉଭୟ ଜ୍ଞାନରେ ଓ ସଂଖ୍ୟାରେ।

ସେହିପରି ବିଶ୍ୱର ମାନସିକ ତଥା ବୌଦ୍ଧିକ ପରିବ ର୍ନରେ ଗୁରୁମାନଙ୍କର ସ୍ଥାନ ଅନସ୍ୱୀକାର୍ଯ୍ୟ। ଏ ଦୃଷ୍ଟିରୁ କନଫୁସିୟସ, ଲାଟ୍ସି ଗାରିବାଲ୍ଡ଼ି ଏବଂ ମହାତ୍ମା ଗାନ୍ଧିଙ୍କ ପରି ଗୁରୁମାନଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ। ଦର୍ଶନ କ୍ଷେତ୍ରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପରି ଗୁରୁଙ୍କର ପଟାନ୍ତର ନାହିଁ। ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଜୋହାନ ଆମୋସ ଓ କୋମେନିଅସ୍, ସେମିତି ସଂପର୍କରେ ଅରିଷ୍ଟୋଟଲ ଓ ଆଲେକ୍‌ଜଣ୍ଡାର, ଏହିକ୍ରମରେ ସକ୍ରେଟିସ୍ ଇତ୍ୟାଦି କେତେ ବିଶ୍ୱଗୁରୁ ଅଛନ୍ତି ଯାହାଙ୍କ ଯୋଗୁଁ ଗୁରୁ ଓ ଶିଷ୍ୟ ଉଭୟ ଧନ୍ୟ, ଅର୍ଥାତ୍ ଯେମିତି ଗୁରୁଙ୍କୁ ସେମିତି ଶିଷ୍ୟ। ଗୁରୁହିଁ ଦ୍ୱିତୀୟ ପିତାମାତା। ସମାଜ ଓ ବ୍ୟକ୍ତି ପାଇଁ ଗୁରୁ ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ସୃଷ୍ଟିର ଆରମ୍ଭରୁ ଏଯାବତ୍ ଏମିତି କିଛି ବିକାଶମୂଳକ କାର୍ଯ୍ୟ ହୋଇନାହିଁ, ଯେଉଁଥିରେ ଗୁରୁଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ହାତ ବା ପ୍ରେରଣା ନାହିଁ।



ଛାତ୍ରଛାତ୍ରୀଙ୍କର ଭବିଷ୍ୟ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ସେହିମାନେହିଁ ତାଙ୍କ କଳାର କୁଶଳରେ ରାଷ୍ଟ୍ର ଗଠନ କରନ୍ତି। ଏଣୁ ସମାଜରେ ସେହିମାନଙ୍କର ଗୁରୁତ୍ୱକୁ ଉପଲବଧି କରି ୧୯୮୪ ମସିହା ଅକ୍ଟୋବର ୫ ତାରିଖ ଠାରୁ ବିଶ୍ୱ ଶିକ୍ଷକ ବା ଗୁରୁଦିବସ ପାଳିତ ହୋଇଆସୁଛି। ବ ର୍ମାନ ବିଶ୍ୱର ଶତାଧିକ ଦେଶ ଏହି ଦିବସଟିକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରନ୍ତି। ଏଥିପାଇଁ ଏଜୁକେଶନ ଇ ରନ୍ୟାସନାଲ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଶିକ୍ଷକତା ବୃ ି ଉପରେ ସଚେତନତା ସୃଷ୍ଟି କରିବା ପାଇଁ କ୍ୟାମ୍ପର ଆୟୋଜନ କରାଯାଉଛି। ଶିକ୍ଷାବିତ୍ ଓ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମତିଥି ସେପ୍ଟେମ୍ବର ୫କୁ ପ୍ରତିବର୍ଷ ଗୁରୁ ବା ଶିକ୍ଷକ ଦିବସ ରୂପେ ଭାରତୀୟମାନେ ପାଳନ କରନ୍ତି। ଶିକ୍ଷକ ଦିବସ ପାଳନରେ ଭାରତହିଁ ପ୍ରଥମ ଦେଶ। ଏବେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ତାରିଖରେ ଶିକ୍ଷକ ଦିବସ ପାଳନ କରନ୍ତି। ଯେମିତି ଭାରତ ପାଇଁ ସେପ୍ଟେମ୍ବର ୫, ଚୀନରେ ସେପ୍ଟେମ୍ବର ୧୦, ତାଇୱାନରେ ସେପ୍ଟେମ୍ବର ୨୮, ଯୁକ୍ତରାଷ୍ଟ୍ର ଆମେରିକାରେ ମେ ମାସ ପ୍ରଥମ ମଙ୍ଗଳବାର... ଇତ୍ୟାଦି। ତେବେ ଆନ୍ତର୍ଜାତିକ ବା ବିଶ୍ୱ ଶିକ୍ଷକ ଦିବସରୂପେ ଅକ୍ଟୋବର ୫କୁ ପାଳନ କରାଯାଏ। ଆସନ୍ତୁ ଆମେ ଏହାର ଅଂଶୀଦାର ହେବା। ***... ତସ୍ମୈ ଶ୍ରୀ ଗୁରୁବେ ନମଃ॥***

ଗୁରୁଙ୍କ ଆଶୀର୍ବାଦରେ ପଙ୍ଗୁ ବି ପର୍ବତ ଲଙ୍ଘିପାରେ ଏବଂ ଅଭିଶାପରୁ ଠିକ୍‌ବେଳେ ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ମନ୍ତ୍ର ମନେ ନପଡ଼ିବା ଏବଂ ରଥଚକ ଭାଙ୍ଗିଲା ପରି, ଶିଷ୍ୟର ପ୍ରଭୂତ କ୍ଷତି ହୋଇଥାଏ। ପ୍ରାକ୍ ବୈଦିକ ଯୁଗରେ ଏଯାବତ୍ ସାରା ବିଶ୍ୱରେ ଗୁରୁଶିଷ୍ୟଙ୍କ ସଂପର୍କ ଅଧ୍ୟୟନ କଲେ ଛାତ୍ରଙ୍କ କୃତିତ୍ୱ ପାଇଁ : ଗୁରୁ କୃପା କେବଳମ୍। ହିନ୍ଦୁ ଧର୍ମରେ ଦ୍ରୋଣ, ବଶିଷ୍ଠ, ବିଶ୍ୱାମିତ୍ର, ବାଲ୍ମୀକିଙ୍କ ଭଳି ବହୁ ମହାନ ଗୁରୁମାନଙ୍କର ଦୃଷ୍ଟାନ୍ତ ଥିଲାବେଳେ ସେମାନଙ୍କର ଯୋଗ୍ୟତମ ଶିଷ୍ୟ ଯଥାକ୍ରମେ ଅର୍ଜୁନ, ରାମ, ଲବକୁଶ ଏବଂ ଏକଲବ୍ୟ ଭଳି ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି। ରାଜନୀତି କ୍ଷେତ୍ରରେ ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ, ଗୁରୁ ରାମଦାସ ଓ ଶିବାଜୀ ଏବଂ ଏମିତି ଆହୁରି ଅଛନ୍ତି। ରମାକାନ୍ତ ଆକରେକର ଏବଂ ସଚିନ ତେନ୍ଦୁଲକର, କପିଲଦେବ ଓ ଆଜାଦ୍‌ଙ୍କର କଥା ଉଲ୍ଲେଖନୀୟ। ବେଦ ଯୁଗରେ ସଂଖ୍ୟାଧିକ ଗୁରୁଙ୍କର ଗୁରୁତ୍ୱ ଥିଲା କାରଣ ବେଦଗୁଡ଼ିକୁ ଶୁଣିଶୁଣି ମନେରଖୁଥିବା ହେତୁ ଏହାକୁ ଶ୍ରୁତି କୁହନ୍ତି। ଏହାକୁ ଶୁଣାଇବା ପାଇଁ ଗୁରୁମାନଙ୍କର ଯଥେଷ୍ଟ ଆବଶ୍ୟକତା ଥିଲା

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩୮**

## ଶ୍ରୀ ବିରଜା ସେବା ସମିତି ଆନୁକୂଲ୍ୟରେ ତ୍ରିଦିବସୀୟ ମା'ଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଜନ ସମାରୋହ ଉଦ୍‌ଯାପିତ

ଯାଜପୁର (ପିଏନ୍): ଶ୍ରୀ ବିରଜା ସେବାସମିତି ଆନୁକୂଲ୍ୟରେ ମା' ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ତ୍ରିଦିବସୀୟ ରଥଯାତ୍ରାର ଧାରାବିବରଣୀ ଓ ଭଜନ ସମାରୋହ ଉତ୍ସବ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଅଛି। ସଂପାଦକ ପାଣ୍ଡବ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଯାଜପୁରର ସଂସ୍କୃତିକ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯଥାକ୍ରମେ ଉଦ୍‌ଘାଟନ ଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବାସମିତି ଏହିପରି ମା'ଙ୍କ ସେବାରେ ଲାଗିଥା'ନ୍ତୁ ଓ ସମିତିର ଉ ରୋ ର ଉନ୍ନତି ହେଉ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ମହାଷ୍ଟମୀରେ ସମିତି ତରଫରୁ ମା'ଙ୍କ କାନିକା ପ୍ରସାଦ ମନ୍ଦିର ପରିସରରେ ଭକ୍ତମାନଙ୍କୁ ବ ନ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ସୂର୍ଯ୍ୟମଣି ଖୁ ିଆ, ଡଃ ଜୟକୃଷ୍ଣ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, କାହ୍ନୁଚରଣ ମିଶ୍ର, ନିତ୍ୟାନନ୍ଦ ଦେଓ, ଅଧିକାରୀ ନବକିଶୋର ଦାସ, ଗଦାଧର ରାଉତ, ଗିରିଧାରୀ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ରଥ ଯାତ୍ରାର ଧାରା ବିବରଣ ପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଂଚରେ ସଭାପତିଙ୍କୁ ସହଯୋଗ କରିଥିଲେ। ସଭ୍ୟ ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବ୍ରଜକିଶୋର ମହାନ୍ତି, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ହରିହର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ବିରଜା ପ୍ରସାଦ କର, ପ୍ରବୋଧ କୁମାର ନାୟକ ପ୍ରମୁଖ ସଭ୍ୟମାନେ ମଂଚରେ ସହଯୋଗ କରିଥିଲେ। ଉମାକାନ୍ତ ପାଢ଼ୀ ଓ ତାଙ୍କର ଦଳ ୩ଦିନ ଧରି ମା'ଙ୍କ ଭଜନ ପରିବେଷଣ କରିଥିଲେ। ସଂପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପଣ କେମିତି ପିତାମାତା !



**ବେ**ଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।

**ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....**

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛି କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

**ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ: ୯୧୭୮୨୧୩୭୯୧**

# ବାଲିଆ ପଂଚାୟତରେ ବିଜେପିର ମିଶ୍ରଣ ପର୍ବ



ପାରାଦୀପ (ପିଏନ୍); ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଂଚାୟତରେ ବିଜେପି ପକ୍ଷରୁ ଏକ ବଡ଼ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସରେ ଦୁଇ ଦୁଇଟି ମିଶ୍ରଣ ପର୍ବ ଆୟୋଜନ କରି ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ବିରୋଧୀ ଦଳର ନେତାଙ୍କୁ ଚମକାଇ ଦେଇଛନ୍ତି। ଗତଥର ଉଭୟ ବିଜେଡ଼ି ଓ କଂଗ୍ରେସ ଦଳର ସମର୍ଥିତ ନାଏବ ସରପଂଚ, ୱାର୍ଡ଼ ସଭ୍ୟ ଓ କର୍ମୀ ଆନୁଷ୍ଠାନିକ ଭାବରେ ବିଜେପିରେ ଯୋଗ ଦେଇଥିବା ବେଳେ ପଂଚାୟତର ମହିମା ଅଲେଖ ମଠରେ ଆୟୋଜିତ ମିଶ୍ରଣ ପର୍ବ ପଦ୍ମ ଧରିଛନ୍ତି ବାଲିଆ ପଂଚାୟତ ସରପଂଚ ସରୋଜିନୀ ନାୟକ। ଏହାସହ ତାଙ୍କ ଦଳର ୧୦ ଜଣ ୱାର୍ଡ଼ ସଭ୍ୟଙ୍କ ସମେତ ଶତାଧିକ ସହଯୋଗୀ ଦଳରେ ସାମିଲ ହୋଇଥିବା ଏହି ନେତା ଓ କର୍ମୀମାନଙ୍କୁ ବିଜେପି ନେତା ସମ୍ପଦ ସ୍ୱାଗତ କରିବା ସହ ଏହାଦ୍ୱାରା ତୃଣମୂଳ ସ୍ତରରେ ସଂଗଠନ ଆହୁରି ମଜବୁତ ହେବ ବୋଲି କହିଛନ୍ତି। କୁଜଙ୍ଗ ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ ଓ ଗୋପିଆକୁଦ ସରପଂଚ ଶ୍ରୀନିବାସ ସ୍ୱାଇଁଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଦି ସରକାରଙ୍କର ସୁଶାସନ ଓ ପାରାଦୀପର ବିକାଶ ଦିଗରେ କେନ୍ଦ୍ରର ପଦକ୍ଷେପକୁ ନେତାମାନେ ପ୍ରଶଂସା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଓଡ଼ିଶାରେ ଶିକ୍ଷାର ବିକାଶ ଓ ସାଧାରଣ ଜନତାଙ୍କ ସ୍ୱାବଲମ୍ବୀ କରାଇବା ଦିଗରେ ଏକାଧିକ ପଦକ୍ଷେପ ନେଇଛନ୍ତି। ଗୁରୁ ଦିବସରେ ଭାରତର ପ୍ରତ୍ୟେକ ବ୍ଲକରେ ଶିକ୍ଷାର ବିକାଶ ପାଇଁ ଯୋଜନା ପ୍ରଣୟନ କରିଛନ୍ତି। ଯାହାଦ୍ୱାରା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱ ପ୍ରତି ଜନତାଙ୍କ ବିଶ୍ୱାସ ବଢ଼ି ଚାଲିଛି। ଅନୁରୂପ ଭାବେ କୋଭିଡ୍ ମହାମାରି ସମୟରେ ଲୋକଙ୍କ ସମସ୍ୟା ପ୍ରତି ଯତ୍ନଶୀଳ ହେଉ ଅବା ଚଳିତ ବର୍ଷ ବନ୍ୟା ପ୍ରଭାବିତଙ୍କ ପାଖରେ ପ୍ରଶାସନକୁ ପଛରେ ପକାଇ ପ୍ରଥମେ ପହଁଚିବା ହେଉ ସବୁଥିରେ ବିଜେପି ନେତା ବଢ଼ି ବଢ଼ି ଚାଲିଥିବା ବେଳେ କଂଗ୍ରେସ ଏହାର ବିରୋଧ ନ କରି ସମ୍ପୂର୍ଣ୍ଣ ଚୁପ୍ ରହୁଛି। ଏଣୁ ବାଧ୍ୟହୋଇ ଆମେ ବିଜେପି ଉପରେ ଭରସା ରଖି ଦଳରେ ମିଶିଛୁ ବୋଲି ଏହି ନେତାମାନେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ସରପଂଚ ଶ୍ରୀମତି ନାୟକଙ୍କ ସମେତ ୱାର୍ଡ଼ ସଭ୍ୟ ସୌମେନ୍ଦ୍ର ପ୍ରଧାନ, ନିରୂପମା ପ୍ରଧାନ, ପ୍ରତାପ ସେଠୀ, ସୁଷମା ସ୍ୱାଇଁ, ପଦ୍ମିନୀ ଦଳାଇ, ସସ୍ମିତା ମହାନ୍ତି, କଲ୍ୟାଣୀ ବେହେରା, ନରେଶ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଶୁଭ ଦାସ, ପ୍ରକାଶ ପ୍ରଧାନ, ବୁନୁ ବାରିକ, ବାପିନା ପ୍ରଧାନ, ମନ ନାଥ, ଚରଣ ସେଠୀ, ମାନସ ସ୍ୱାଇଁ, ସୁନାକର ପ୍ରଧାନ, ହାପି ନାଥ, ଦିନ ଛଟେଇ, ମୂଳିଆ ଦାଶ, ମନ ଦାଶ, ସୁରେନ୍ଦ୍ର ସ୍ୱାଇଁ, କୈଳାଶ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଫକିର ପଲେଇ, ମୁରଲି ପଲେଇ ଓ ଗନ୍ଧର୍ବ ପଲେଇଙ୍କ ସମେତ ଶତାଧିକ ବିଜେଡ଼ି ଓ କଂଗ୍ରସ କର୍ମୀମାନେ ବିଜେପିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାଶ ଚନ୍ଦ୍ର ବାରିକ ଓ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକଶ କରିଛନ୍ତି। ସୂଚନା ଥାଉ କି, ୨୦୧୯ ମସିହା ଅଗଷ୍ଟ ୧୭ ତାରିଖ ବାଲେଶ୍ୱର ସିଂଲା ଥାନା ଅ ଳର ଜନୈକା ନାବାଳିକାକୁ ସମ୍ପର୍କୀୟ ଭାଇ ଅଭିଯୁକ୍ତ ସଞ୍ଜୟ ଦାସ ଦୁର୍ଷ୍କମ କରିଥିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ବାବଦରେ ସିଂଲା ଥାନା ପକ୍ଷରୁ ୧୨୦/୨୦୧୯ ଦଫା ୩୪୨, ୩୨୪, ୩୭୬, ୫୦୬ ଆଇପିସି ୬ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ସମସ୍ତ ନଥିପତ୍ରକୁ ଭି ି କରି ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ପିଡ଼ିତାକୁ ପାଂଚଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email - maharishipublicschool@yahoo.com
Web - www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଘଣ୍ଟପଡା ରେଲୱେ ଓଭର ବ୍ରିଜ କାର୍ଯ୍ୟ ତୁରନ୍ତ ସାରିବାକୁ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ କାଳନ୍ଦି ସାମଲ



ତାଳଚେର,(ପି.ଏନ):ତାଳଚେର ଅନୁଗୁଳ ମୁଖ୍ୟ ରାସ୍ତା ର ଘଣ୍ଟପଡା ଠାରେ ନିର୍ମାଣ ହେଉଥିବା ରେଲୱେ ଓଭର ବ୍ରିଜ ଦୀର୍ଘ ଦିନ ହେବ ପଡି ରହିଛି, ଫଳରେ ଘଣ୍ଟା ଘଣ୍ଟା ଧରି ରେଳ ଫାଟକ ବନ୍ଦ ରହିବା ଯୋଗୁଁ ସାଧାରଣ ଲୋକ ଯାତାୟତ ରେ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହୋଇ ଆସୁଛନ୍ତି ।ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ ଓଭର ବ୍ରିଜ କାର୍ଯ୍ୟ ସରି ପାରୁନାହିଁ ।ଆଜି ଗୁରୁବାର ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଲୋକଙ୍କ ର ଏହି ସମସ୍ୟା କୁ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ନୂଆଦିଲ୍ଲୀ ରେଳ ଭବନରେ ଭେଟି ଘଣ୍ଟପଡା ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏକ ଚିଠି ଲେଖି ରେଳମନ୍ତ୍ରୀ ଙ୍କୁ ତୁରନ୍ତ ଓଭର ବ୍ରିଜ କାର୍ଯ୍ୟ ସାରିବାକୁ ପଦକ୍ଷେପ ନେବାକୁ ଜଣାଇଛନ୍ତି ।ପ୍ରକାଶ ଥାଉକି ୨୦୧୬ମସିହା ରୁ ଏମସିଏଲ ଉକ୍ତ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ଦେଇଥିବା ବେଳେ ୨୦୧୮ମସିହା ରେ ସରିବା କଥା କିନ୍ତୁ ସମ୍ପୃକ୍ତ ଠିକାଦାର ସାତ ବର୍ଷ ବିତି ଯାଇଥିଲେ ମଧ୍ୟ ଏ କାର୍ଯ୍ୟ ସରିନାହିଁ ।ରେଳମନ୍ତ୍ରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ କାର୍ଯ୍ୟ ସମୀକ୍ଷା କରି ଶେଷ କରାଯିବ ବୋଲି ଶ୍ରୀ ସାମଲ ଙ୍କୁ କହିଥିବାର ପ୍ରକାଶ

# ୟୁ.ଏନ.ଏସ୍ ମହାବିଦ୍ୟାଳୟରେ ପରିବେଶ ସଚେତନତା ଓ ଚାରାରୋପଣ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ରସୁଲପୁର ବ୍ଲକ ମୁଗୁପାଳସ୍ଥିତ ଉପେନ୍ଦ୍ର ନାଥ ସାରଦା ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗ 'ଗ୍ରାମ୍ୟ ସେବକ ସଂଗଠନ' ଓ ମହାବିଦ୍ୟାଳୟର 'ଜାତୀୟ ସେବା ଯୋଜନା' ଶାଖାର ସହଭାଗୀତାରେ ପରିବେଶ ସଚେତନତା କର୍ମଶାଳା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀନାରାୟଣ କର ଯୋଗ ଦେଇ ଗଛ ଲଗାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏନଏସଏସ ପ୍ରେଗ୍ରାମ ଅଫିସର କାନ୍ତିବାଳା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପରିବେଶ ସଚେତନତା କର୍ମଶାଳାର କାର୍ଯ୍ୟକ୍ରମର ଅଭିମୁଖ୍ୟ ଓ ଚାରାରୋପଣ ମାହାତ୍ମ ସମ୍ପର୍କରେ ଆଲୋଚନା କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । ବରିଷ୍ଠ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ବିଷ୍ଣୁ ଚନ୍ଦ୍ର ସାହୁ,ପ୍ରକୃତି ବନ୍ଧୁ ମନୋଜ କୁମାର ସାହୁ,ପ୍ରବୀଣ ସାହୁ,ଅଶୋକ ବେହେରା,ଆସିକ ଖାଁନ,ଶ୍ରୀଧର ସାହୁ,ସଞ୍ଜିତ ସାହୁଙ୍କ ସମେତ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇ ଚାରାରୋପଣ କରିଥିଲେ ।

# ଶାଳବା ବାଲିଘାଟରୁ ବାଲି ଉଠାଣକୁ ନେଇସପକ୍ଷ ଓ ବିପକ୍ଷ ଉଭୟ ଗୋଷ୍ଠୀ ମୁହାଁମୁହିଁ

କୋରାଇ, (ପି.ଏନ): ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ନଦୀର ମୂଳାପାଳ ପଂଚାୟତର ଶାଳବା ବାଲି ଘାଟରୁ ଭାରୀଯାନ ଯୋଗେ ବାଲି ପରିବହନକୁ ବିରୋଧ କରି ସରସଦା ଗ୍ରାମବାସୀ ଜୁନ ୭ ତାରିଖ ରାତ୍ରୀରୁ ପ୍ରାୟ ୨୦ରୁ ଉର୍ଦ୍ଧ ହାଇଓ୍ୱାକୁ ଅଟକ ରଖିଥିଲେ । ଘଟଣାସ୍ଥଳେ ରାତ୍ରୀରେ ପୁଲିସ ପହଂଚିଥିଲେ ହେଁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ । ବର୍ଷା ଦିନେ ନଦୀବନ୍ଧ ଓ ରାସ୍ତାର ସୁରକ୍ଷା ଦୃଷ୍ଟିରୁ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ଦାବି କରିଥିଲେ । ଏହି ରାସ୍ତାରେ ବର୍ଷା ଦିନେ ଭାରୀଯାନ ଚଳାଚଳ ଯୋଗୁ ଯାତାୟତରେ ବାଧା ଉପୁଜିଛି । ୮ତାରିଖ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ପ୍ରମୁଖ ସଦଳବଳେ ସେଠାରେ ପହଂଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ବାଲି ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଲିଜଧାରୀ ଓ ଗ୍ରାମାବସୀଙ୍କ ମଧ୍ୟରେ ସୋମବାର ଆଲୋଚନା ଓ ରାସ୍ତାର ମରାମତି ପରେ ବାଲି ଗାଡି ଚାଲିବ କି ନାହିଁ ତାହା ନିଷ୍ପତି କରାଯିବ ବୋଲି ପ୍ରତିଶ୍ରୁତି ପରେ ଗ୍ରାମବାସୀ ଅଟକାଇଥିବା ହାଇଓ୍ୱା ଗୁଡିକୁ ଛାଡିଥିଲେ । କିନ୍ତ କୌଣସି ଆଲୋଚନା ନହୋଇ ଆଜି ପନଃର୍ବାର ବାଲିଗାଡି ଚଳାଚଳକୁ କିଛି ଲୋକ ବିରୋଧ କରିଥିଲେ । ସପକ୍ଷବାଦୀମାନେ ସେଠାରେ ପହଂଚିବାରୁ ଉଭୟଙ୍କ ମଧ୍ୟରେ ମୁହାଁ ମୁହଁ ପରିସ୍ଥିତି ସୃଷ୍ଟି ହୋଇଛି । ସପକ୍ଷବାଦି ବାଲି ଚଳାଇବାକୁ ଜିଦ ଧରିଥିବା ବେଳେ ବିପକ୍ଷବାଦୀ ଗାଡି ନଛାଡିବା ଜିଦରେ ଅଟକ ରହିଛନ୍ତି । ପରିସ୍ଥିତି ଉପରେ ପୁଲିସ ନଜର ରଖିଥିଲା । ପ୍ରଶାସନର ଦୋମୁହାଁ ନିଷ୍ପତି ଯୋଗୁ ନିଜ ନିଜ ମଧ୍ୟରେ ଏଭଳି ଘଟରା ଦେଖିବାକୁ ମିଳିଛି । ଖବର ଲେଖା ହେବା ବେଳକୁ ଉଭୟ ଗୋଷ୍ଠୀ ଗଣ୍ଡଗୋଳ ପାଇଁ ଠେଙ୍ଗା ବାଡି ଧରି ପ୍ରସ୍ତୁତ ଥିବାବେଳେ ପୁଲିସ ଅସମର୍ଥ ପ୍ରକାଶ କରି ହୋଇ ଘଟଣାସ୍ଥଳୁ ପେରିଆସିଛି ।

# ପାଣି ପାଇଁ ରାସ୍ତା ରୋକ କଲେ ଗାଁଲୋକେ : ବିଡ଼ିଓଙ୍କ ଦ୍ୱାରା ସନ୍ଧ୍ୟାରେ ହେଲା ମରାମତି



ନବରଙ୍ଗପୁର,(ପି.ଏନ): ପାଣି ପାଇଁ ଗୋରା ହାଣ୍ଡି ରଖି ପ୍ରତିବାଦ ଓ ରାସ୍ତା ରୋକ କ୍ଷ ବାରମ୍ବାର ଅଭିଯୋଗ ପରେ ସମସ୍ୟା ର ସମାଧାନ ନହେବାରୁ ଏଭଳି ପ୍ରତିବାଦ କଲେ ଗ୍ରାମବାସୀ କ୍ଷ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଅଣ୍ଟାସର ଗ୍ରାମବାସୀ ଙ୍କ ଦ୍ୱାରା ରାସ୍ତାରୋକ । ଅଣ୍ଟାସର ଗ୍ରାମରେ ଥିବା ପାଣି ଟାଙ୍କି ଟି ବହୁଦିନ ହେବ ଅଚଳ ହୋଇପଡିଛି କ୍ଷ ଯାହାଫଳରେ ଗ୍ରାମରେ ଗତ ମାସ ଠୁ ଉର୍ଦ୍ଧ ସମୟ ଧରି ଜଳ ଯୋଗାଣ ବନ୍ଦ ରହିଛି । ଅପରପକ୍ଷରେ ଗ୍ରାମର ଗଣ୍ଡା ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା । ସାହିରେ ଏକ ମାତ୍ର ନଳକୂପ ରହିଥିବା ବେଳେ ସାହି ର ୪୦ ରୁ ଉର୍ଦ୍ଧ ପରିବାର ସେହି ନଳକୂପ ଉପରେ ନିର୍ଭରଶୀଳ କ୍ଷ ଗ୍ରାମର ଏହି ସମସ୍ୟାକୁ ନେଇ ବାରମ୍ବାର ବିଡ଼ିଓ ଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ । ଯାହାର ପ୍ରତିବାଦ ରେ ଆଜି ଗ୍ରାମର ମହିଳା ଓ ପୁରୁଷ ରାସ୍ତା ଉପରେ ହାଣ୍ଡି ଗୋରା ରଖି ପ୍ରତିବାଦ କରିଛନ୍ତି । ସମସ୍ୟା ର ସମାଧାନ ନ ହେବା ଯାଏଁ ରାସ୍ତାରୋକ ରୁ ହଟିବେନି ବୋଲି ନିଜ ଜିଦ ରେ ଅଟଳ ଥିବା ବେଳେ ଦୀର୍ଘ ଏକ ଘଣ୍ଟା ଧରି ରାସ୍ତାରୋକ ଚ଼ାଲିଥିଲା କ୍ଷ ତେବେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ନେଇ ଫୋନ ମାଧ୍ୟମ ରେ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ରୁ ଓହରି ଥିଲେ ଗ୍ରାମବାସୀ । ଅପରପକ୍ଷରେ ନନ୍ଦାହାଣ୍ଡି ବିଡ଼ିଓ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ସେହି ଗ୍ରାମରେ ନଳକୂପ ଅଛି କିନ୍ତୁ ପରିବାର ମଧ୍ୟରେ ଅଶାନ୍ତି ହୋଇ ଏପରି ଅବସ୍ଥା ହୋଇଛି । ମୁଁ ନିଜେ ଯାଇ ବୁଝାଇଥିଲି କିନ୍ତୁ ସେମାନେ ସାହି ସାହି ମଧ୍ୟରେ ଝଗଡା ,ଘର ଘର ମଧ୍ୟରେ ଝଗଡା ଚ଼ାଲିଛି । ହେଲେବି ତଦନ୍ତ କରି ସମାଧାନ କରିବି ବୋଲି କହିଥିଲେ ଓ ପରିଶେଷରେ ଖରାପ ଥିବା ନଳକୂପ କୁ ବିଡ଼ିଓ ମୋରାମୋତି କରିଥିବା ପ୍ରକାଶ କରିଥିଲେ ।

# କନ୍ଧମାଳ ଜିଲ୍ଲା ଗସ୍ତ ରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଉପଦେଷ୍ଟା

କନ୍ଧମାଳ,(ପି.ଏନ): ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଙ୍କ ଦୁଇ ଦିନ କନ୍ଧମାଳ ଜିଲ୍ଲା ଗସ୍ତରେ ଆସିଥିଲେ ଫୁଲବାଣୀ ବିଡିଓ ପ୍ରବୀଣ କୁମାର ବାଣୁଆ ଙ୍କ ସହ ଆଲୋଚନା କରିଥିଲେ । କନ୍ଧମାଳ ଜିଲ୍ଲା ର ଡିଆଇ ଜିଏମ ରିତାଶ୍ରୀ ବାରିକ, ଜିଲ୍ଲା ର ମୋ ସେବା କେନ୍ଦ୍ର ପରିଚାଳନା ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ର ବରିଷ୍ଠ ଅଧିକାରୀ ମାନଙ୍କ ସହ ଖଜୁରୀପଡା, ଗଞ୍ଜୁଗୁଡା, ବିଶିପଡା, ମିଣିଆ, ଚକାପାଦ, ଜିଲ୍ଲା ର ଫୁଲବାଣୀ, ଟିକାବାଲି, ଖଜୁରି ପଡା, ବ୍ଲକ ଏବଂ ପଂଚାୟତ କାର୍ଯ୍ୟାୟଳ ପରିଦର୍ଶନ କରିବା ସହ ପଂଚାୟତ ରେ ଚାଲିଥିବା ମୋ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ । ସେବା କେନ୍ଦ୍ର ରେ କିପରି ଜନସାଧାରଣ ଉପକୃତ ହୋଇପାରିବେ ତା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ରେ ହୋଇଥିବା ୫ ଟି ସ୍କୁଲ ଗୁଡିକୁ ପରିଦର୍ଶନ କରିଥିଲେ, ୫ ଟି ସ୍କୁଲ ଗୁଡିକ କିପରି ଅନଲାଇନ ବ୍ୟବସ୍ଥା ହୋଇପାରିବ, ସ୍ମାର୍ଟ ଶ୍ରେଣୀଗୃହ ଚାଲିପାରିବ ତାହା ବିଷୟରେ ଅନୁଧ୍ୟାନ କରିଥିଲେ । ଜିଲ୍ଲା ରେ ପ୍ରତି ବ୍ଲକ ରେ ଥିବା ଆଧାର କାର୍ଡ ସେଂଟର ଚାଲିଥିଲା ବେଳେ ଆଧାର ସେଂଟର କୁ ଯାଇ ଅନୁଧ୍ୟାନ କରିଥିଲେ । ଜିଲ୍ଲା ର ଗଞ୍ଜୁଗୁଡା, ମିଣିଆ ପଂଚଯାତ ଅଫିସ ରେ ନୂତନ ଭାବରେ ମୋ ସେବା କେନ୍ଦ୍ର ଉଦଘାଟନ କରିଥିଲେ । ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ର ପ୍ରମୁଖ ଉପଦେଷ୍ଟା ଙ୍କ କନ୍ଧମାଳ ଗସ୍ତ ସାରି ବୌଦ୍ଧ ଜିଲ୍ଲା କୁ ଗସ୍ତ କରିବା କାର୍ଯ୍ୟକ୍ରମ ଅଛି ।

# ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ପ୍ରତିବର୍ଷ ଜୁଲାଇ ମାସ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଆସୁଛି । ପରିବାର ନିୟୋଜନ ତଥା ଜନସଂଖ୍ୟା ବୃଦ୍ଧି ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହା ସମଗ୍ର ଭାରତରେ ପ୍ରତ୍ୟେକ ବର୍ଷ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଭୁବନେଶ୍ୱରସ୍ଥିତ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷଠାରେ ରାଜ୍ୟସ୍ତରୀୟ 'ବିଶ୍ୱ ଜନସଂଖ୍ୟା ଦିବସ' ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଡଃ ଦିନବନ୍ଧୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, 'ସମ୍ପ୍ରତି ପରିସ୍ଥିତିରେ ସମଗ୍ର ବିଶ୍ୱରେ ଜନସଂଖ୍ୟାରେ ବିସ୍ଫୋରଣ ଚିନ୍ତାର ବିଷୟ ପାଲଟିଛି । ଜନସଂଖ୍ୟାରେ ବିସ୍ଫୋରଣ ଜୈବ ବିବିଧତାକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି । ଯାହାଫଳରେ ମାନବ ସମାଜ ଉପରେ ଏହାର କୁପ୍ରଭାବ ପରିଲକ୍ଷିତ ହେଲାଣି । ଏଣୁ ବିଶ୍ୱକୁ ଧ୍ୱଂସାଭିମୁଖୀ ପରିସ୍ଥିତିରୁ ରକ୍ଷା କରିବାକୁ ହେଲେ ଜନସଂଖ୍ୟାରେ ସ୍ଥିରତା ଆଣିବା ହିଁ ଏକମାତ୍ର ବିକଳ୍ପପନ୍ଥା' । ଅନ୍ୟମାନଙ୍କ ମଧ୍ୟରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡଃ ବିଜୟ କୁମାର ପାଣିଗ୍ରାହୀ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡଃ ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନିରନ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଚଳିତବର୍ଷର ବାର୍ତ୍ତା ରହିଛି 'ସ୍ୱତନ୍ତ୍ରତାର ଅମୃତ ମହୋତ୍ସବରେ ନେବା ଏହି ସଙ୍କଳ୍ପ, ପରିବାର ନିୟୋଜନକୁ ବନାଇବା ଖୁସିର ବିକଳ୍ପ' । ଏହି ବିଶ୍ୱ ଜନସଂଖ୍ୟା ଦିବସ ଅଭିଯାନ ୨୭ ଜୁନ ରୁ ୨୪ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ପାଳିତ ହେଉଛି । ଜୁନ ୨୭ ତାରିଖରୁ ୧୦ ଜୁଲାଇ ପର୍ଯ୍ୟନ୍ତ ଜନସଂଖ୍ୟା ସଚେତନତା ପକ୍ଷ (ମୋବିଲାଇଜେସନ ଫୋର୍ଟନାଇଟ) ଭାବେ ଏବଂ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ 'ଜନସଂଖ୍ୟା ସ୍ଥିରତା ପକ୍ଷ' ପାଳନ କରାଯାଉଛି । ଏହି ଅବସରରେ ଜନସଂଖ୍ୟା ଦିବସ ସମ୍ପର୍କିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।ଗର୍ଭନିରୋଧର ପାରମ୍ପରିକ ପ୍ରଣାଳୀ ପ୍ରତିବଦଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାସ୍କେଟ ଅଫ୍ ଚଏସେସ୍‌ରେ ଆଉ ନୂତନ ୨ଟି ଗର୍ଭନିରୋଧକ ଆରମ୍ଭ କରାଯାଇଛି । ଗୋଟିଏ ହେଲା 'ସବ୍ ଡରମାଲ ଇମ୍ପ୍ଲାଣ୍ଟ' ଯାହାକି ଗାମ ଏବଂ କଟକ ଜିଲାରେ ଆରମ୍ଭ କରାଯାଇଛି । ଅନ୍ୟଟି 'ସବ୍‌କ୍ୟୁଟାନିୟମ ଇକ୍ଜେନ ଏମ୍‌ପିଏ (ଅନ୍ତରା)' ବାଲେଶ୍ୱର ଏବଂ ଗଜପତି ଜିଲାରେ ଆରମ୍ଭ କରାଯିବ । ସମୁଦାୟ ପ୍ରଜନନ ହାର (ଟିଏଫଆର) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚକ ଯାହା ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳତା ଏବଂ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ/ ରାଜ୍ୟ/ ଦେଶର ଜନସଂଖ୍ୟା ସ୍ଥିରତା ଆଣିବାରେ ସୂଚାଇଥାଏ । ଓଡ଼ିଶାରେ ଏହି ସମୁଦାୟ ପ୍ରଜନନ ହାର ୧.୮ (ଏନଏଫଏଚଏସ-୫) ରେ ପହଁଚି ପାରିଛି ଯାହା ଜାତୀୟ ହାର ( ୨.୦) ଠାରୁ କମ୍ ଅଟେ । ୨୦୨୨-୨୩ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଗଜପତି, ଦେଓଗଡ଼, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା ଜିଲାକୁ ପୁରସ୍କୃତ କରାଯାଇଛି ।


MAHARISHI PUBLIC SCHOOL
मां विजयाश्रम



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ




## ସ୍ମୃତିଲିପିର ବିଶେଷ ବିଶେଷାଙ୍କର ପାଠକାର୍ପଣ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ଛତିଶଗଡର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୁଷଣ ହରିଚ୍ଚନ୍ଦନଙ୍କ କରକମଳରେ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନ ପରିସରରେ ଜନଚେତନାର ପ୍ରତୀକ ତ୍ରୟମାସିକ ସାହିତ୍ୟ ପତ୍ରିକା 'ସ୍ମୃତିଲିପି 'ର ବିଶେଷ ବିଶେଷାଙ୍କକୁ ପାଠକମାନଙ୍କ ଉଦ୍ଦେଶ୍ୟରେ ପାଠକାର୍ଅର୍ପଣ କରାଯାଇଥିଲା । ଉକ୍ତ ଉତ୍ସବରେ ପତ୍ରିକାର ଉପଦେଷ୍ଟା ଇଂଜିନିୟର ଲଡୁ କିଶୋର ପଢିଆରୀ ପତ୍ରିକାର ସଂପାଦକ ଭୁବନ ମୋହନ ମହାନ୍ତି ଓ ମଧୁର ଭାରତୀ ପତ୍ରିକାର ସଂପାଦିକା ଜୟନ୍ତୀ ପଢିଆରୀ ସ୍ମୃତିଲିପି ପତ୍ରିକାର କାର୍ଯ୍ୟନିର୍ବାହୀ ସଂପାଦକ ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଏକ ସୌଜନ୍ୟମୁଳକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ମୃତିଲିପି ପତ୍ରିକାର ସଂପାଦକ ଭୁବନ ମୋହନ ମହାନ୍ତି ମହାମହିମ ଛତିଶଗଡର ରାଜ୍ୟପାଳଙ୍କୁ ଉତ୍ତରୀୟ ଓ ପୁଷ୍ପହାର ଦେଇ ସଂବର୍ଦ୍ଧିତ କରିଥିଲେ । ଆଗାମୀ ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ସ୍ମୃତିଲିପିର ୨୮ତମ ବାର୍ଷୀକ ସାରସ୍ୱତ ସମାରୋହରେ ଯୋଗ ଦେବା ନିମନ୍ତେ ଅନୁରୋଧ କରିଥିଲେ



## ଜିଲ୍ଲା ସ୍ତରୀୟ ୭୪ତମ ବନ ମହୋତ୍ସବ ପାଳିତ

ମାଲକାନଗିରି,(ପି.ଏନ): ମାଲକାନଗିରି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲି ଙ୍କ ଅଧକ୍ଷତା ରେ ଜିଲ୍ଲା ସ୍ତରୀୟ ୭୪ତମ ବନ ମହୋତ୍ସବ ଗତକାଲି ଅପରାହ୍ନ ରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଶାଲ ସିଂ,ସମ୍ମାନିତ ଅତିଥି ଭାବେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ , ପିଏ ଆଇଟିଡିଏ ଜୟଶ୍ରୀ , ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ ମଂଚାସୀନ ଥିଲେ ।ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ଶିଶୁ ଟିଏକୁ ଗଛଟିଏ ଲଗାଇବା ପାଇଁ ଶପଥ ପାଠ କରାଯାଇ ବିଦ୍ୟାଳୟ ପରିସର ରେ ଅତିଥି ମାନେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ ।

## ମାଥିଲି ଅବକାରୀ ହାଜତରେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ନେଇ ଦୁଷ୍କର୍ମ ଅଭିଯୋଗ ଆଣିଲେ ପରିବାର ଲୋକ

ମାଲକାନଗିରି, (ପି.ଏନ): ମାଲକାନଗିରି ମାଥିଲି ଅବକାରୀ ହାଜତରେ ମହିଳା ମୃତ୍ୟୁ ମାମଲାରେ ନୂଆ ମୋଡ଼ । ଦୁଷ୍କର୍ମ ଅଭିଯୋଗ ଆଣିଲେ ପରିବାର ଲୋକେ । ଗତ ଶୁକ୍ରବାର ପ୍ରିତି ବିଶ୍ୱାସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗିରଫ ହୋଇଥିଲେ । ମାଥିଲି ଅବକାରୀ ବିଭାଗର ଅଧିକାରୀ ମାନେ ତାଙ୍କୁ ଖଇରପୁଟ ବ୍ଲକ କମଳାପଦର ଛକରୁ ଗିରଫ କରି ଆଣି ମାଥିଲି ଅବକାରୀ ହାଜତ ରେ ରଖି ଥିଲେ ।ତେବେ ଶନିବାର ସନ୍ଦେହ ଜନକ ଅବସ୍ଥାରେ ପ୍ରିତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା ।ତେବେ ପରିବାର ଲୋକେ ପ୍ରିତିଙ୍କ ସହ ଦୁଷ୍କର୍ମ ହୋଇ ଥିବା ନେଇ ମାଲକାନଗିରି ଜିଲ୍ଲାପାଳ ଓ ଏସପିଙ୍କୁ ଭେଟିଛନ୍ତି । ଏହା ସହ ମୃତ ପ୍ରିତିଙ୍କ ସ୍ୱାମୀ ସୁରେଶ ସିଂ ଓ ତାଙ୍କ ଭଉଣୀ କେତୋଟି ପ୍ରଶ୍ନ ଉଠାଇଛନ୍ତି । ଶୁକ୍ରବାର ରାତି ଅବକାରୀ ହାଜତ ରେ ମହିଳା କର୍ମଚାରୀ ଥିଲେ ନା ନାହିଁ ? ଯଦି ଥିଲେ ତେବେ, ପ୍ରିତିଙ୍କ ମୃତ୍ୟୁ ସମୟରେ ସେ କ''ଣ କରୁଥିଲେ ? ଏହାସହ ତାଙ୍କ ସ୍ୱାମୀ ଆସିବା ପୂର୍ବରୁ କାହିଁକି ତରବାରିଆ ଭାବେ ମୃତଦେହକୁ ପୋଡାଗଲା ବୋଲି ପରିବାର ଲୋକ ପ୍ରଶ୍ନ କରିଛନ୍ତି ।

## ଦର୍ପଣ ମୌଜାର ଗୋଚର ଅନାବାଦି ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଅବରୋଧ କରିଥିଲେ ମଧ୍ୟ ପ୍ରଶାସନ ନୀରବ

ଦର୍ପଣ,(ପିଏନ୍): ବଡ଼ଚଣା ନିର୍ବାଚନ ମଣ୍ଡଳୀର ବଡ଼ଚଣା ଠାରୁ ଦର୍ପଣ ପର୍ଯ୍ୟନ୍ତ ରାସ୍ତା ଓ ଗୃହନିର୍ମାଣ ବିଭାଗ ଦ୍ୱାରା ଏକ ରାସ୍ତା ରହିଅଛି । ପ୍ରସିଦ୍ଧ ଶୈବପୀଠ ମହାବିନାୟକ ଠାରୁ ଦର୍ପଣ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଗୋଚର ଅନାବଦୀ ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଅବରୋଧ କରିଥିଲେ ମଧଳ ସେଥିପ୍ରତି ଦର୍ପଣ ତହସିଲଦାର ଆଦୌ ଦୃଷ୍ଟି ଦେଉନାହାଁନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଅଛି । ରାସ୍ତାର ଉଭୟ ପାର୍ଶ୍ୱରେ ଦର୍ପଣ ମୌଜା ଓ ଭୁଷଣ୍ଡପୁର ମୌଜାର ବହୁ ସଂଖ୍ୟାରେ ସରକାରୀ ଜମି ରହିଅଛି । ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ସୁବିଧା ପାଇଁ ସେମାନେ ଜବରଦଖଲ କରି ସିମେଂଟ ଖୁଣ୍ଟପୋତି ଦଖଲ କରିଛନ୍ତି ଓ କେତେକ ସ୍ଥାନରେ ବାସଗୃହ ନିର୍ମାଣ କରିବା ସହିତ ଅନ୍ୟଗୃହ ତିଆରି କରି ଭଡ଼ାରେ ଲଗାଇଛନ୍ତି । ଏ ସମ୍ପର୍କରେ ମଧ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରେ ବାରମ୍ବାର ଅଭିଯୋଗ କଲେ ମଧ କାହାକୁ ମଧ ଆଜିପର୍ଯ୍ୟନ୍ତ ଉଚ୍ଛେଦ କରାଯାଇପାରିନାହିଁ । ତୁରନ୍ତ ଗୋଚର ଜମି ଓ ଅନାବାଦୀ ଜମିରୁ ଦଖଲ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସାଧାରଣରେ ଦୃଢ ଦାବୀ ହେଉଛି ।





## ମୁରିବାହାଲ ବିଜେଡି ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ): କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ମୁରିବାହାଲ ବ୍ଲକ ଜୋନ ନଂ ୨୯ର ମାଳିଶିରା ଜିପି ଖରାଳି ଗ୍ରାମର ରହେନଟୁଆ (ବ୍ରହ୍ମଣୀ ପାହାଡ଼/ସିଦ୍ଧି କ୍ଷେତ୍ର)ଠାରେ ମୁରିବାହାଲ ବିଜେଡି ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା, ଆବାହକ ଶ୍ରୀ ହଂସରାଜ ଜୈନ ସଦସ୍ୟ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ / ପୂର୍ବତନ ବ୍ଲକ ଅଧକ୍ଷ /ବିଜେଡି ସମ୍ପାଦକ, ବିଜେଡି ଓଡିଶାଙ୍କ ଉପସ୍ଥିତି ଏବଂ ମୁରିବାହାଲ ବନାଞ୍ଚଳ ଅଧିକାରୀଙ୍କ ସହଯୋଗରେ ୨୦୦ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା । ସ୍ଥାନୀୟ ଲୋକ ଏବଂ ଶ୍ରୀ ସିଦ୍ଧେଶ୍ୱର ଟ୍ରଷ୍ଟ ବୋର୍ଡର ସମସ୍ତ କର୍ମକର୍ତା ଏବଂ ମନ୍ଦିର ପରିଚାଳନା କମିଟିର ସମ୍ପୂର୍ଣ୍ଣ ସହଯୋଗ ବୃକ୍ଷ ରୋପଣ କରାଗଲା ଏବଂ ଶ୍ରୀମାନ ଜୈନ ମହୋଦୟ ଟ୍ରଷ୍ଟ କମିଟିକୁ ଗଛର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ପାଇଁ ଅନୁରୋଧ କରିଥିଲେ । ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ଏକ ସଭା ଅନୁଷ୍ଠିତ ହୋଇଥିଲା ଏବଂ ସଭାରେ ସ୍ଥାନୀୟ ଶହ ଶହ ଅଂଚଳବାସୀଙ୍କ ସହିତ ମୁରିବାହାଲ ବିଜେଡି କର୍ମକର୍ତା ଯୋଗ ଦେଇଥିଲେ ଏବଂ ଉପସ୍ଥିତ ଜନ ସମୂହକୁ ମାନନୀୟ ଜୈନ ମହୋଦୟ ପ୍ରଥିତଯଶା ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ସଫଳ ଯୋଜନା ମାନଙ୍କ ବିଷୟରେ ଆଲୋଚ଼ନା କରିଥିଲେ । ଏବଂ ଆଗାମୀ ଦିନରେ ବିଜେଡିକୁ ବିପୁଳ ଜନସମର୍ଥନ ପାଇଁ ନିବେଦନ କରିଥିଲେ । ସଭାରେ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଅତିଥି ମାନଙ୍କ ମଧ୍ୟରେ ଶ୍ରୀ ଚ଼ିତରନ ବାଗ ବିଜେଡି ଯୁବ ସଭାପତି ମୁରିବାହାଲ ବ୍ଲକ,ଶ୍ରୀ ଦିଲୀପ କୁମାର ପୃଷ୍ଟି ବରିଷ୍ଠ ବିଜେଡି ନେତା,କଶ୍ୟପ ସରାଫ,ଦିଲୀପ ମହାନ୍ତି, ଦିଲୀପ ମହାନନ୍ଦ, ଯୁଧିଷ୍ଠିର ଭରାସାଗରିଆ, ମଳୟ ପୁଟେଲ,ମଧୁ ଗହିର,ବରୁଣ ଲୁହା,ତପନ ଦୀପ, ପିଣ୍ଟୁ ଦୀପ,ବିନୋଦ ଦୀପ, ପିଙ୍କୁ ପୋଡ଼, ବୁଡୁ ମହାକୁଡ଼,ଲମ୍ବୁ ବଗର୍ତ୍ତୀ,ହରସି ଚ଼ନ୍ଦନ,ଜୟକିଶାନ ବାଗ,ଦେବ ମେର୍ଲ, କିଶୋର ବେହେରା, ଲଳିତ ମହାନ୍ତି,ସୁଜିତ କୁମାର ବେହେରା, ବିଜୟ ମଝି, ଲୋଚ଼ନ ବେହେରା,ବିଦ୍ୟାଧର ବେହେରା,ପାର୍ଥ ପ୍ରଧାନୀ,ରାମ ଯାନୀ, ଅନ୍ତ ଯାନୀ,ସତ୍ୟନାରାୟଣ ବଗର୍ତ୍ତୀ, କ୍ଷୀରସାଗର ମଝି,ଦୁର୍ଯ୍ୟୋଧନ ମଝି, ଭୁବନ ଯାନୀ,ପ୍ରକାଶ ସାହୁ, ଲିଙ୍ଗରାଜ ମଝି,ଗୋବିନ୍ଦ ନାଗ, ନିରନ ନାଗ, ଟିକେରାମ ରତେଇ,ଜୟ ଶଙ୍କର ମହାକୁର,ପୂର୍ଣ୍ଣ ପୋଡ଼, ମୋହନ ହାତୀ,ନବୀନ ହାତୀ, ବୁଦ୍ଧଦେବ ମହାକୁଡ଼,ଏବଂ ବନ ଅଧିକାରୀ ମାନଙ୍କ ମଧରେ ଶ୍ରୀ ଘନଶ୍ୟାମ ପଶାୟତ,ଧରିତ୍ରୀ ବାରିକ, ଅଜିତ ବେହେରା ସହିତ ଶହ ଶହ ଲୋକ ଯୋଗଦାନ କରି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



## ବାଲିସାଗର ପୋଖରୀର ହେବ ପୁନରୁଦ୍ଧାର

ମାଲକାନଗିରି,(ପି.ଏନ): ଆମ ପୋଖରୀ ଯୋଜନାରେ ମାଲକାନଗିରି ଜିଲ୍ଲାର ବାଲିସାଗର ପୋଖରୀର ପୁନଃଉଦ୍ଧାର ହେବ । ଏଥି ନିମନ୍ତେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ୪ କୋଟି ୧୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହାଦ୍ୱାରା ୩୮. ୨୨ ଏକର ପରିବ୍ୟାପ୍ତ ବିରାଟ ବାଲିସାଗର ଜଳାଶୟ ପୁନରୁଦ୍ଧାର ହେବା ସହ ଏହାର ସୌନ୍ଦର୍ଯ୍ୟକରଣ ହେବ ଏବଂ ମାଲକାନଗିରି ଜିଲ୍ଲାର ଜନସାଧାରଣ ଉପକୃତ ହୋଇପାରିବେ । ସୂଚ଼ନା ଥାଉ କି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଆମ ପୋଖରୀ' ଫ୍ଲାଗସିପ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଖାଲି ପଡ଼ିଥିବା ଜଳାଶୟକୁ ପୁନଃ ବ୍ୟବହାର କରାଯିବା ଲକ୍ଷ୍ୟରେ ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆମ ପୋଖରୀ ଯୋଜନାର ପରିକଳ୍ପନା କରାଯାଇଥିଲା ।

## ତୃତୀୟ ସଂସ୍କୃତି ୱାର୍କିଂ ଗ୍ରୁପ୍ ଉଦଯାପିତ

ଭୁବନେଶ୍ୱର,(ପି.ଏନ): ଭାରତର ଜି-୨୦ ଅଧ୍ୟକ୍ଷତାରେ ତୃତୀୟ ସଂସ୍କୃତି ୱାର୍କିଂ ଗ୍ରୁପ୍ ବୈଠକ କର୍ଣ୍ଣାଟକର ହାମ୍ପିଠାରେ ଶେଷ ହୋଇଛି । ଏହି ଚାରିଦିନିଆକାର୍ଯ୍ୟକ୍ରମ ପଟ୍ଟାବିରାମ ମନ୍ଦିରରେ ବିଦେଶୀ ଅତିଥିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନର ଆୟୋଜନ ହୋଇଥିଲା ।ଏହି ସଭାରେ ସମସ୍ତ ସଦସ୍ୟ ରାଷ୍ଟ୍ର ତଥା ଅତିଥି ଦେଶ ଭାବେ ୭ ଜଣ ଅନ୍ତର୍ଜାତୀୟ ସଂଗଠନର ୯ ଟି ଦଳ ଯୋଗ ଦେଇଥିଲେ । ବୈଠକରେ ଚାରୋଟି ପ୍ରାଥମିକ କ୍ଷେତ୍ର ଉପରେ ସର୍ବୋତ୍ତମ ଅଭ୍ୟାସ ଏବଂ ସୁପାରିଶ ଉପରେ ସହମତି ଭିତ୍ତିରେ ଆଲୋଚନା କରାଯାଇଥିଲା । ଏହା ସହିତ ଆସନ୍ତା ମାସରେ ବାରାଣାସୀରେ ଅନୁଷ୍ଠିତ ହେବାକୁ ଥିବା ସଂସ୍କୃତି ମନ୍ତ୍ରୀ ବୈଠକ ପାଇଁ ସଦସ୍ୟ ଦେଶମାନଙ୍କ ମଧ୍ୟରେ ମିଳିତ ବିବୃତ୍ତି ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା । ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା ସଂସ୍କୃତି ମନ୍ତ୍ରୀ ଘୋଷଣାନାମା ସହ ଜଡିତ ପ୍ରସଙ୍ଗରେ ସହମତି ପ୍ରକାଶ କରିବା । ଏହି କାର୍ଯ୍ୟ ଗୋଷ୍ଠୀ ଅଧୀନରେ ଏପର୍ଯ୍ୟନ୍ତ ସଂଗଠିତ ହୋଇଥିବା ସମସ୍ତ ୱେବିନାର୍ ସଫଳ ହୋଇଛି ଏବଂ ସମସ୍ତ ସଦସ୍ୟ ଦେଶ ଏବଂ ସାତୋଟି ବହୁପକ୍ଷୀୟ ସଂଗଠନ ଏଥିରେ ଅଂଶଗ୍ରହଣ କରିଛନ୍ତି । ଚଳିତ ବର୍ଷ ୨୬ ଅଗଷ୍ଟରେ ବାରାଣାସୀରେ ସଂସ୍କୃତି ମନ୍ତ୍ରୀ ବୈଠକରେ ବିଶ୍ୱ ଥିମେଟିକ୍ ୱେବିନାର ଉପରେ ଏକ ରିପୋର୍ଟ ଉନ୍ମୋଚିତ ହେବ । ହାମ୍ପିଠାରେ ଅନୁଷ୍ଠିତ ବୈଠକରେ ଲମ୍ବାନୀ ଏମ୍ବ୍ରୋଡେରୀ ପ୍ରଦର୍ଶନୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ପ୍ରଦର୍ଶନର ବିଷୟବସ୍ତୁ ଥିଲା, ସଂସ୍କୃତି ସମସ୍ତଙ୍କୁ ଏକତ୍ର କରେ', ଯାହାକୁ କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଉଦ୍ଘାଟନ କରିଥିଲେ । ଏହି ସମୟରେ ମୋଟ ୧୭୫୫ଟି ବସ୍ତୁ ସହିତ 'ଲଙ୍ଗ ଅବଜେକ୍ଟର ସର୍ବ ବୃହତ ପ୍ରଦର୍ଶନ' ପାଇଁ ଏକ ଗିନିଜ ୱାର୍ଲ୍ଡ ରେକର୍ଡ ସ୍ଥିର କରାଯାଇଥିଲା । ଲମ୍ବାନୀ ସମ୍ପ୍ରଦାୟର ୪୫୦ରୁ ଅଧିକ ମହିଳା କାରିଗର ଏହି ପ୍ରୟାସରେ ଜଡିତ ଥିଲେ । ଏହି ଉତ୍ସବରେ ତାଙ୍କ ଦ୍ୱାରା ନିର୍ମିତ ପ୍ରାୟ ୧୩୦୦ ଲମ୍ବାନୀ ଏମ୍ବ୍ରୋଡେରୀ ପ୍ୟାଚ୍ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା । ଏହାକୁ ପ୍ରଶଂସନୀୟ ପ୍ରୟାସ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଏଭଳି ପ୍ରଦର୍ଶନୀ ମହିଳା ଶକ୍ତିର ଅଂଶଗ୍ରହଣକୁ ଉତ୍ସାହିତ କରିବ । ବମ୍ବେ ସିଟେନୀ ବ୍ୟାଣ୍ଡ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ପ୍ରଦର୍ଶନ ମଧ୍ୟ ଗୋଲ ଟେବଲ ବୈଠକ ପରେ ଜି୨୦ ପ୍ରତିନିଧୀଙ୍କୁ ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷରେ, ବିଦେଶୀ ଅତିଥିମାନେ ମଧ୍ୟ ହାମ୍ପିଙ୍କ ଚମତ୍କାର ସ୍ଥାପତ୍ୟକୁ ପ୍ରଶଂସା କରିଥିଲେ ।

## ବନ କର୍ମଚ଼ାରୀଙ୍କ ଦ୍ୱାରା ୧୭ କଇଁଛ ଉଦ୍ଧାର, ୨ ଗିରଫ

ମାଲକାନଗିରି, (ପି.ଏନ): ବିକ୍ରି ଉଦ୍ଦେଶ୍ୟରେ ଚୋରା ଚ଼ାଲାଣ ହେଉଥିବା ୧୭ ଗୋଟି କଇଁଛ କୁ ମୋଟୁ ବନ କର୍ମଚ଼ାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ବେଳେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସୂଚ଼ନାଯୋଗ୍ୟ ଯେ, ଦୁଇ ଜଣ ବ୍ୟକ୍ତି ଗତ କାଲି ଆନ୍ଧ୍ର ନିକଟସ୍ଥ ଗୋଦାବରୀ ନଦୀରୁ ଜାଲ ପକେଇ କଇଁଛ ନେଇ ଆସୁଥିବା ସମୟରେ ମୋଟୁ ଠାରେ ବନ ବିଭାଗ ଦ୍ୱାରା ଦୁଇ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା । ପୂର୍ବରୁ ମୋଟୁ ବନାଞ୍ଚଳ ଅଧିକାରୀ ଙ୍କୁ କଇଁଛ ଚ଼ାଲାଣ ସଂପର୍କରେ ବିଶ୍ୱାସ୍ତ ସୂତ୍ରରୁ ସୂଚ଼ନା ମିଳିବା ପରେ ବନ କର୍ମଚ଼ାରୀମାନେ ଏକ ନିଛାଟିଆ ଜଙ୍ଗଲରେ ଛକି ବସିଥିଲେ । ଏକ ବାଇକ୍ ଯୋଗେ ୧୭ ଗୋଟି କଇଁଛକୁ ଭର୍ତ୍ତି କରି ମାଲକାନଗିରି ଜିଲ୍ଲାରେ ବିକ୍ରି କରିବା ଉଦ୍ଦେଶ୍ୟରେ ଆଣିଥିବା ବେଳେ ଦୁଇ ଅଭିଯୁକ୍ତ ବନ କର୍ମଚ଼ାରୀଙ୍କ ଦ୍ୱାରା ଗିରଫ ହୋଇଥିଲେ । ଏହା ସହିତ ୧୭ଟି କଇଁଛ ବନ କର୍ମଚ଼ାରୀମାନେ ଜବତ କରିଥିଲେ । ବନ୍ୟ ପ୍ରାଣୀ ସଂରକ୍ଷଣ ନିୟମ ଅନୁଯାୟୀ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚ଼ାଲାଣ କରିଛି ।ଏ ସଂପର୍କରେ ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମୀ ରଞ୍ଜନ ସ୍ୱାଇଁ ସୂଚ଼ନା ଦେଇଛନ୍ତି । ଅଭିଯୁକ୍ତ ଦୁଇଜଣ ହେଲେ ଏମ.ପି.ଭି-୪୩ ଗ୍ରାମର ବିବେକ ମଣ୍ଡଳ ଓ ହରି ଲାଲ ବିଶ୍ୱାସ । ସେମାନଙ୍କ ନିକଟରୁ ଏକ ବାଇକ୍ ଓ ଦୁଇଟି ମୋବାଇଲ ଫୋନ ମଧ ଜବତ କରାଯାଇଛି ।









Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray